■ RNI No.ODIODI/2010/33031
■ ୧୭ ବର୍ଷ | Volume- 17
■ ISSUE -01 | ସଂଖ୍ୟା-୦୧
■ ଭୁବନେଶ୍ୱର, ମଙ୍ଗଳବାର ୦୩ ମାର୍ଚ୍ଚ ୨୦୨୬
■ Bhubaneswar, Tuesday 03 March, 2026
■ ୦୮ ପୃଷ୍ଠା | Pages-08
■ ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
■ www.odishamanthan.com

MANTHAN
# ମନ୍ଥନ
www.odishamanthan.com | RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




**ଛୁଟି ଘୋଷଣା**

ରଙ୍ଗର ପର୍ବ ହୋଲି ଅବସରରେ ଦୈନିକ 'ମନ୍ଥନ' କାର୍ଯ୍ୟାଳୟ ଓ ପ୍ରେସ ୩ ଓ ୪ ତାରିଖ ବନ୍ଦ ରହୁଥିବାରୁ ପରବର୍ତ୍ତୀ ସଂସ୍କରଣ ୬ ତାରିଖରେ ପ୍ରକାଶ ପାଇବ। - ପରିଚାଳକ

**ଶୁଭେଚ୍ଛା**



ଦୈନିକ ଓଡ଼ିଆ ଖବରକାଗଜ 'ମନ୍ଥନ'ର ୧୭ତମ ସ୍ୱନକ୍ଷତ୍ର ଓ ବାର୍ଷିକ ଉତ୍ସବ ପାଳନଅବସରରେ ସମସ୍ତ ପାଠକପାଠିକା/ ବିଜ୍ଞାପନଦାତା ଓ ଶୁଭେଚ୍ଛୁ ମାନଙ୍କୁ ଅଭିନନ୍ଦନ ଜଣାଉଛି।

**ଶରତ ରାଉତ, ସମ୍ପାଦକ**

# ୨୫ରୁ ଅଳଙ୍କାର ଗଣତିମଣତି

ପୁରୀ,୨।୩(ନି.ପ୍ର.): ସରିଲା ଶ୍ରୀମନ୍ଦିର ପରିଚ଼ାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ । ଦୂର ହେଲା ଲୋକଙ୍କ ଦ୍ୱନ୍ଦ ଓ ଆଶଙ୍କା । ଆସନ୍ତା ମାର୍ଚ୍ଚ ମାସ ୨୫ ତାରିଖ ବୁଧବାର ଦିନ ହେବ ଅଳଙ୍କାର ଗଣତିମଣତି ପ୍ରକ୍ରିୟା । ଏହି ପ୍ରକ୍ରିୟାରେ ୨ଟି ଟିମ ଉପସ୍ଥିତ ରହିବେ । ଦିନ ୧୨.୨୦ରୁ ୧.୪୫ ମଧ୍ୟରେ ବାହାରିଛି ମାହେନ୍ଦ୍ରବେଳା । ଚୈତ୍ର ଶୁକ୍ଳ ସପ୍ତମୀ ତିଥିରେ ଖୋଲାଯାଇ ଗଣତିମଣତି ପ୍ରକ୍ରିୟା ଆରମ୍ଭ ହେବ । ଏନେଇ ପରିଚ଼ାଳନା କମିଟିରେ ନିଷ୍ପତ୍ତି ନିଆଯାଇଛି । ତିନୋଟି ପର୍ଯ୍ୟାୟରେ ଅଳଙ୍କାର ଗଣତିମଣତି ହେବ । ପ୍ରଥମେ ଚ଼ଳନ୍ତି,ପରେ ବାହାର ଓ ଶେଷରେ ଭିତର ରତ୍ନଭଣ୍ଡାରରୁ ଅଳଙ୍କାର ଗଣତିମଣତି ହେବ ।















## ଭୂ ବନ୍ଦୋବସ୍ତ ଦାବି କରି ଗ୍ରାମବାସୀଙ୍କ ଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ

ଯାଜପୁର,୨ ।୩:(ମନ୍ଥନ)ଭୂ ବନ୍ଦୋବସ୍ତ ଦାବି କରି ଗ୍ରାମବାସୀ ଙ୍କ ଜିଲ୍ଲାପାଳ ଙ୍କୁ ଦାବି ପତ୍ର ପ୍ରଦାନ। ଯାଜପୁର ଜିଲ୍ଲା ବିଂଝାରପୁର ତହସିଲ ଅନ୍ତର୍ଗତ ଶିଶିରଣା, ଫତେପୁର, ରୁଦ୍ରପୁର ଅଂଚଳରେ ଭୁବନ୍ଦୋବସ୍ତ କରିବା ଦାବିରେ ଜ଼ିଲ୍ଲାପାଳ ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ବର୍ଷ ହେବ ଏହି ଅଂଚଳ ରେ ଭୁବନ୍ଦୋବସ୍ତ ନ ହେବାରୁ ସ୍ଥାନୀୟ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉତରାଧିକରି ପ୍ରମାଣ ପତ୍ର ସମେତ ଜାତିଗତ ପ୍ରମାଣପତ୍ର ପାଇବା ପାଇଁ ଲୋକେ ହଇରାଣ ହେଉଛନ୍ତି। ଆଜି ଯାଜପୁର ଜ଼ିଲ୍ଲା ପରିଷଦ ସମିଳନୀ ଗୃହରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିର ରେ ଜ଼ିଲ୍ଲା ପ୍ରଶାସନ କୁ ଏହି ଦାବି ପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନ ରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଏସ୍‌ୟୁସିଆଇ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ଓ ସଭା

ଯାଜପୁର,୨ ।୩:(ମନ୍ଥନ)ଯାଜପୁର ଜିଲା ସଦର ମହକୁମାରେ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ଦଳ ପକ୍ଷରୁ ଇରାନ ଉପରେ ସାମ୍ରାଜ୍ୟବାଦୀ ଆମେରିକା-ଇସ୍ରାଏଲ୍ ଦ୍ୱାରା ବିନା ପ୍ରରୋଚନାରେ ହୋଇଥିବା ସାମରିକ ଆକ୍ରଣ ବିରୁଦ୍ଧରେ ଏକ ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର ମଲ୍ଲିକ ଏବଂ ରାଜ୍ୟ ଅଫିସ୍ ସମ୍ପାଦକ ସ୍ୱୟଂପ୍ରଭା ନାୟକଙ୍କ ନେତୃତ୍ୱରେ ପାର୍ଟିର କର୍ମୀ ସମର୍ଥକ ମାନେ ମେଡିକାଲ ଛକରୁ ଏକ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ହାତରେ ପ୍ଲାକାର୍ଡ଼ ଧରି ଇରାନ ଉପରେ ଇସ୍ରାଏଲ-ଆମେରିକାର ଆକ୍ରମଣ ବନ୍ଦ ପାଇଁ ବିଭିନ୍ନ ଶ୍ଲୋଗାନ ଦେଇ ସହର ପରିକ୍ରମା କରି ବିରଜା ମହିଳା କଲେଜ ଛକ ଠାରେ ରାଜ୍ୟକମିଟି ସଭ୍ୟ ସୁବାସ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟ ଅଶୋକ ମିଶ୍ର ଇରାନ ଉପରେ ହୋଇଥିବା ଆମେରିକା-ଇସ୍ରାଏଲ୍ ଆକ୍ରମଣକୁ ତିବ୍ର ନିନ୍ଦା କରିବା ସଂଗେ ସଂଗେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାର ନରହନ୍ତା ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କୁ ଭାଇ ବୋଲି ସମ୍ବୋଧନ କରିବାକୁ ଧିକ୍କାର କରିଛନ୍ତି । ଏଥିରେ ପାର୍ଟିର ଜିଲ୍ଲା କମିଟି ସଭ୍ୟ ବୀର କିଶୋର ନାୟକ, ସୁଲୋଚନା ପ୍ରଧାନ ପ୍ରଭୃତି ଯୋଗଦେଇଥିଲେ।

# ଯୋଜନା ଆଜି ଯୋଜନ ଦୂରରେ

ନବରଙ୍ଗପୁର, ୨ ।୩:(ମନ୍ଥନ)ଅପହଞ୍ଚ ଇଲାକା ର ନଗ୍ନ ନମୁନା । ବାରମ୍ବାର ଦେଖା ଦେଉଛି ଅସୁବିଧା ହେଲେ ପ୍ରଶାସନ ର ଆଖି ଆଢୁଆଳ ରେ ଲୁଚି ଯାଉଛି ଚିତ୍ର । ସବୁବେଳେ ଦେଖା ଦେଉଛି ଜନନୀ ଯନ୍ତ୍ରଣା ଏଠି ପ୍ରଶ୍ନ ଉଠୁଛି ସରକାର ଙ୍କ ମାଳ ମାଳ ଯୋଜନା କାହା ପାଇଁ । ଯୋଜନା ଆଜି ଯୋଜନ ଦୁର ରେ । ଗାଁରେ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ, ଘରେ ଶିଶୁ କନ୍ୟାକୁ ଜନ୍ମ ଦେଲେ ପ୍ରସୂତି । ନବରଙ୍ଗପୁର ଜିଲ୍ଲା ରେ ଥମୁନି ଜନନୀ ଯନ୍ତ୍ରଣା, ପୁଣି ଖଟିଆରେ ବୁହାହେଲେ ପ୍ରସୂତି । ରାସ୍ତାର ଅବସ୍ଥା ଅତି ଶୋଚନୀୟ ଥିବାରୁ ଗର୍ଭବତୀଙ୍କ ଘରେ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ । ଗାଡି ଯିବାର ବିଳମ୍ବ ହେବାରୁ ଘରେ ଶିଶୁ କନ୍ୟାକୁ ଜନ୍ମ ଦେଲେ ପ୍ରସୂତି ।ଅଧା ରାସ୍ତା ଖଟିଆରେ ବୋହି ଆଣି ଏକ ଅଟୋ ସାହାର୍ଯ୍ୟରେ ମେଡିକାଲରେ ଭର୍ତ୍ତି କରାଗଲା । ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ପଞ୍ଚାୟତ କୁସୁମଖୁଣ୍ଟା ଗ୍ରାମର ଡମଣି ପ୍ରଧାନୀ ଙ୍କୁ ଗର୍ଭ ଯନ୍ତ୍ରଣା ହେବାରୁ ଆମ୍ବୁଲାନ୍ସ କୁ ଯୋଗାଯୋଗ କରିଥିଲେ ପରିବାର ଲୋକେ । କିନ୍ତୁ ରାସ୍ତା



ରେ ଆମ୍ବୁଲାନ୍ସ ଯାଇ ପାରିବ ନାହିଁ ବୋଲି ଜାଣିବାପରେ ଏକ ଅଟୋ କୁ ଯୋଗାଯୋଗ କରିଥିଲେ । କିନ୍ତୁ ଗାଡ଼ି ଆସିବାର ବିଳମ୍ବ ହେବାରୁ ଘରେ ହିଁ ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ ପ୍ରସୂତି । ଘର ନିକଟରେ ଅଟ ପହଞ୍ଚି ନ ପାରିବାରୁ ପ୍ରାୟ ଏକ କିଲୋମିଟର ଦୂର ଖଟିଆରେ ପ୍ରସୂତି ଙ୍କୁ ଗ୍ରାମବାସୀ ଙ୍କ ସାହାର୍ଯ୍ୟରେ ବହି ଆଣି ଅଟୋ ରେ ବସାଇ ମୈଦଲପୁର ମେଡିକାଲ ଅଣା ଯାଇଥିଲା । ବର୍ତ୍ତମାନ ମା ଓ ଶିଶୁ ସ୍ୱାସ୍ଥ୍ୟ ଅବସ୍ଥା ଠିକ ଥିବା ସୂଚନା ଦେଇଛନ୍ତି ଡାକ୍ତର । ଏହି ଗାଁ ମୈଦଲପୁର ଠାରୁ ପ୍ରାୟ ୮ କିମି ଦୂରରେ ରହିଛି । ପ୍ରାୟ ୫ କିମି ରାସ୍ତା ଅତି ଶୋଚନୀୟ ଭାବେ ପଡି ରହିଛି ଯେଉଁଠାକୁ ଗାଡି ଯିବାର ସମ୍ଭବ ନାହିଁ । ଜଙ୍ଗଲ ମଧ୍ୟରେ ଗାଁ ଥିବାରୁ ପଥୁରିଆ। ରାସ୍ତା ରହିଛି । ରାସ୍ତାର ଅବସ୍ଥ ଠିକ ନ ଥିବା ସମୟରେ ଗର୍ଭବତୀ ହେଉ କି ଅନ୍ୟ ରୋଗୀ ମାନଙ୍କୁ ହେଉ ଖଟିଆରେ ବୋହି ଆଣି ମୈଦେଲପୁର ମେଡିକାଲ ରେ ଭର୍ତ୍ତି କରିଥିବା କଥା କହିଛନ୍ତି ପରିବାର ଲୋକେ ଏବଂ ଗ୍ରାମବାସୀ । ସରକାର ଏବଂ ପ୍ରଶାସନ ଦୃଷ୍ଟିଦେଇ ଏହିଗାଁକୁ ଏକ ପକ୍କା ସଡକ ଯୋଗାଇ ଦେବାକୁ ଗ୍ରାମବାସୀ ଦାବିକରିଛନ୍ତି ।

## ଲିଟିଲ ଲୋଲିପପ ପ୍ଲେ ସ୍କୁଲ ର ତୃତୀୟ ବାର୍ଷିକ ଉତ୍ସବ ପାଳିତ

ଉମରକୋଟ,୨ ।୩:(ମନ୍ଥନ) ଉମରକୋଟ ପୌର ପରିଷଦ ସ୍ଥିତ ଲିଟିଲ ଲୋଲିପପ ପ୍ଲେ ସ୍କୁଲ ଠାରେ ୩ । ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଚଡେଇଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରଫୁଲ ରାଉତ ଯୋଗ ଦେଇଥିଲେ । ସଂମାନ୍ନୀତ ଅତିଥିଭାବେ ପେନ୍ଥାଣୀ ମହାବିଦ୍ୟାଳୟ ଓଡ଼ିଆ। ବିଭାଗ ର ଅବସର ପ୍ରାପ୍ତ ପ୍ରାଧାପକ ସରଜ କାନ୍ତ ପଟ୍ଟନାୟକ ଓ ଲିଟିଲ ଲୋଲିପପ ପ୍ଲେ ସ୍କୁଲର ଅଧକ୍ଷ ଆନନ୍ଦ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ । ଏହି ୩ୟ ବାର୍ଷିକ ଉତ୍ସବରେ ବିଭିନ୍ନ ପ୍ରତି ଯୋଗିତାରେ ଭାଗ ନେଇଥିବା ଅକଶୀତା ପାତ୍ର, ବି ସ୍ୱାତି ସିଦ୍ଧି , ପ୍ରତୀକ ସାହୁ, ପିଆଲି ଅଧିକାରୀ, ସ୍ୱସ୍ତିକା ସାହୁ, ଆରାଧା ମଲ୍ଲିକ, ଅନିକା ବ୍ରହ୍ମନ, ସ୍ୱରାନ୍ସ ସାହୁ, ରିଆ। ଦୀକ୍ଷା ଲାକ୍ରା, ଏସ ଅକିରା, ଶ୍ରୀଆଂଶୀ ସାହୁ ଓ ଅନେକ ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ୩ୟ ବାର୍ଷିକ ଉତ୍ସବରେ ଲିଟିଲ ଲୋଲିପପ ପ୍ଲେ ସ୍କୁଲର ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ଓ ସମସ୍ତ ଅଭି ଭାବକ ଅଂଶ ଗ୍ରହଣ କରିଥିଲେ।ଏହି ସମସ୍ତ କାର୍ଯ୍ୟକ୍ରମକୁ ଲିଟିଲ ଲୋଲିପପ ପ୍ଲେ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ରାକେଶ କୁମାର ନାୟକ, ପାରମିତା ଡାକୁଆ।, ଲିଜିମା ପାଣ୍ଡେ, ମିତାଲି ଚନ୍ଦ, ଶିକ୍ଷା ସରକାର, ଶକୁନ୍ତଳା ବାଘ, ଡ଼ମାଇ ଭତ୍ରା, ରାଜମନ ହରିଜନ, ଚନ୍ଦ ହରିଜନ, ସୋମ୍ୟ ରଞ୍ଜନ ପାଢୀ, କେ ଚନ୍ଦ୍ର ଶେଖର ପାତ୍ର, ମାର୍କୋଣ୍ଡ ବେବୋର୍ତ୍ତା, ଇନ୍ଦିରା ପଟ୍ଟନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ । ଶିକ୍ଷା ସରକାର ଓ ରାକେଶ ନାୟକ ପରିଚାଳନା କରିଥିବା ବେଳେ ପ୍ଲେ ସ୍କୁଲର ଅଧକ୍ଷ ଶ୍ରୀ ଆନନ୍ଦ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ, ଶେଷରେ. ପାରମିତା ଡାକୁଆ। (ରୁପା) ଧନ୍ୟବାଦ ଅର୍ପଣ କରିଥିଲେ ।

## ନବ ନିର୍ମାଣ କୃଷକ ସଂଗଠନରେ ବିବାଦ

ଯାଜପୁର,୨ ।୩:(ମନ୍ଥନ)ଯାଜପୁର - ନବ ନିର୍ମାଣ କୃଷକ ସଂଗଠନ ରେ ବିବାଦ । ଯାଜପୁର କଂଗ୍ରେସ କାର୍ଯ୍ୟାଳୟ ରେ ନବ ନିର୍ମାଣ କୃଷକ ସଙ୍ଗଠନ ଗୋଟିଏ ଗୋଷ୍ଠୀ ସାମ୍ବାଦିକ ସମ୍ମିଳନୀ କରୁଥିବା ବେଳେ ଆଉ ଏକ ଗୋଷ୍ଠୀ ର ବିରୋଧ ସହ ହୋହଲା । ଗୋଟିଏ ଗୋଷ୍ଠୀ କାହା ନିର୍ଦ୍ଦେଶ ରେ ଏହି ସମ୍ମିଳନୀ ବୋଲି ଦାବି କରି ପାଟି ତୁଣ୍ଡ କରିବା ସହ ଯୁକ୍ତି ତର୍କ ଓ କଥା କଟାକଟି କରିଥିଲେ । ସୂଚନା ଅନୁସାରେ ଆସନ୍ତା ମାର୍ଚ୍ଚ ୨୨ ତାରିଖ ରୁ ୩୧ କେଉଁଝର ରୁ ଭୁବନେଶ୍ୱର ଯାଏ ଚାଷୀ ଙ୍କ ଉଦ୍ଦେଶ୍ୟ ରେ ଜନ ଜାଗରଣ କରାଯିବ । ଚାଷୀଙ୍କ ବିଭିନ୍ନ ସମସ୍ୟା ଓ ନୂଆ ସରକାର ଆସିବା ପରେ ଚାଷୀ ଙ୍କ ପ୍ରତି ଶୋଷଣ ଓ ଅବହେଳା ବିରୁଦ୍ଧରେ ଏହି କାର୍ଯ୍ୟକ୍ରମ କରାଯାଉଥିବା ନେଇ ପୂର୍ବତନ ଜିଲା ସହ ସଂଯୋଜକ ସାମ୍ବାଦିକ ସମ୍ମିଳନୀ ଡାକିଥିଲେ । ଏହି ସମୟ ରେ ଜିଲ୍ଲା ସମ୍ପାଦକ ଓ ତାଙ୍କ ସମର୍ଥକ ପହଂଚି କଂଗ୍ରେସ ଅଫିସ ରେ କାହିଁକି ଏ କାର୍ଯ୍ୟକ୍ରମ କାହିଁକି ଓ କାହା ନିର୍ଦ୍ଦେଶ ରେ ହେଉଛି ବୋଲି ପ୍ରଶ୍ନ କରିବା ସହ ଯୁକ୍ତି ତର୍କ କରିଥିଲେ । ସେପଟେ ପୂର୍ବତନ ଜିଲା ସହ ସଂଯୋଜକ କହିଛନ୍ତି ଆମେ ଅକ୍ଷୟ କୁମାର ଙ୍କ ପରାମର୍ଶ ରେ ଏହା କରୁଥିବା ବେଳେ କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ଏହାକୁ ବିରୋଧ କରିଛନ୍ତି ଯାହାକୁ ଆମେ ନିନ୍ଦା ଓ ପ୍ରତିବାଦ କରୁଛୁ ।

## ବିଧାୟକଙ୍କ ହସ୍ତକ୍ଷେପ ଫଳରେ ବିଦ୍ୟାଳୟକୁ ଆସିଲେ ପିଲା

ମାହାଙ୍ଗା,୨ ।୩:(ମନ୍ଥନ)ମାହାଙ୍ଗା ବିଧାୟକ ଶାରଦା ପ୍ରଧାନଙ୍କ ହସ୍ତକ୍ଷେପ ଫଳରେ ଦୀର୍ଘ ୮ଦିନ ଧରି ବିଦ୍ୟାଳୟରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂର ହୋଇପାରିଛି ବୋଲି ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ମାହାଙ୍ଗା ବ୍ଲକର ଯଶୁଆପୁର ସ୍ଥିତ ଗୋପବନ୍ଧୁ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ଦେଉରୀଙ୍କୁ ମାହାଙ୍ଗା ବ୍ଲକ ଶିକ୍ଷାଧିକାରିଣୀ ମଧ୍ୟାହ୍ନଭୋଜନରେ ବ୍ୟତିକ୍ରମ ନେଇ ନିଲମ୍ବନ କରିଥିଲେ। ଯାହାକୁ ନେଇ ବିଦ୍ୟାଳୟ ଫାଟକରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ତାଲା ପକାଇ ଧାରଣାରେ ବସିଥିଲେ। ପ୍ରଧାନଶିକ୍ଷକ ବିଦ୍ୟାଳୟକୁ ଫେରିବା ପାଇଁ ଦାବି କରିଥିଲେ। ପରେ ବିଦ୍ୟାଳୟ ଫାଟକରୁ ତାଲା ଖୋଲାଯାଇଥିଲେ ମଧ୍ୟ ୮ଦିନ ଧରି ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଆସୁନଥିଲେ। ଯାହାକୁନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ମାହାଙ୍ଗା ବିଧାୟକ ଏହି ଘଟଣାରେ ହସ୍ତକ୍ଷେପ କରି ୫ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଥିବା ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଆଜି ବିଦ୍ୟାଳୟ ଖୋଲିଲା ପରେ ଅଭିଭାବକମାନେ ତାଙ୍କର ପିଲାମାନଙ୍କୁ ବିଦ୍ୟାଳୟକୁ ପାଠ ପଢ଼ାଇବା ପାଇଁ ପଠାଇଥିଲେ। ମାହାଙ୍ଗା ବିଧାୟକଙ୍କ ଏହି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି।

## ୧୪ ବର୍ଷ ହେଲା ମିଳୁନି ବସୁଧାରୁ ଟୋପାଏ ପାଣି, ଉତ୍କଟ ଜଳ ସଙ୍କଟ

ନବରଙ୍ଗପୁର,୨ ।୩:(ମନ୍ଥନ) ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକରେ ଗ୍ରୀଷ୍ମପ୍ରବାହ ଆରମ୍ଭ ନ ହେଉଣୁ ଲୋକ ପାଣି ପାଇଁ ତ୍ରାହି ତ୍ରାହି ଡାକିଲେଣି । ବର୍ତ୍ତମାନ ନଈ ନାଳ ଶୁଖିବା ଆରମ୍ଭ ହୋଇଥିବା ବେଳେ ଭୂତଳଜଳ ମଧ କମିବାରେ ଲାଗିଲାଣି । ଗୋଟିଏ ପଟେ ବସୁଧା ଜଳ ଦୀର୍ଘ ୧୪ବର୍ଷ ହେଲା କୌଣସି ଟେପରେ ଟୋପାଏ ପାଣି ବାହାରୁ ନାହିଁ। ବର୍ତ୍ତମାନ ପାଣି ପାଇଁ ଲୋକେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ କରି ଦେଇଛନ୍ତି । ପ୍ରତିଦିନ ପାଣି ପାଇଁ ସଂଘର୍ଷ କରିବାକୁ ପଡୁଛି ନିରୀହ ଲୋକ ଙ୍କୁ । କିନ୍ତୁ ପିଇବା ପାଣି ପାଇଁ ଦୀର୍ଘ ବର୍ଷ ହେଲା ପ୍ରଶାସନ ନିକଟରେ ଗୁହାରି କରି ଚାଲିଛନ୍ତି ବାରେଙ୍ଗପଦର ପଞ୍ଚାୟତ ଖାତିଗୁଡା ଓ ଖାତିଗୁଡା ବଜାର ବାସିନ୍ଦା । ଏଠାରେ କାମ ହୋଇଛି ସୂଚନା ଫଳକ ଲାଗିଛି ଗ୍ରାମରେ ବସୁଧା ଅଛି,ଘରକୁ ଘର ପାଣି ସପ୍ଲାଇ ପାଇପ ବିଛା ହୋଇଛି, ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇକି ଭାଙ୍ଗି ମଧ ଗଲାଣି ହେଲେ ଦିନେ ବି ପାଣି ଟୋପେ ପାଇ ନାହାନ୍ତି ଗ୍ରାମ ବାସି । ଖାତିଗୁଡା ଓ ଖାତିଗୁଡା ମାର୍କେଟରେ ସୋମୁଦାୟ ୩ଟି ୱାର୍ଡରେ ପ୍ରାୟ ୨୫୦ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ୨ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି



ଏଠାରେ ମେଗା ଜଳ ଯୋଗାଣ ପ୍ରକଳ୍ପ କାମ ସାରିଥିଲେ ମଧ ପାଣି ଯାହା ଆସୁଛି ତାହା ନ କହିବା ଭଲ ବୋଲି ଜନସାଧାରଣ କହୁଛନ୍ତି। ୨୨ରୁ ଉର୍ଦ୍ଧ୍ୱ ପାଣି ଟେପ ରହିଥିବା ଅଞ୍ଚଳ ବାସି କହିଥିବା ବେଳେ ୧୪ ବର୍ଷ ରୁ ଉର୍ଦ୍ଧ୍ୱ ଦିନ ହେଲା ଟେପରୁ ଟୋପାଏ ପାଣି ବାହାରୁ ନଥିବା ଅଭିଯୋଗ କରିଛନ୍ତି । ୧୪ ବର୍ଷରେ ତେନ୍ତୁଳୀଖୁଣ୍ଟି ବ୍ଲକ ଜଳ ସମ୍ପଦ ବିଭାଗକୁ ଅନେକ ଥର ଅଭିଯୋଗ ଓ ଲିଖିତ ଆକାରରେ ଅଭିଯୋଗ କରିଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ କର୍ଣ୍ଣ ପାତ କରୁ ନଥିବା କହିଛନ୍ତି ଖାତିଗୁଡା ଗ୍ରାମ ବାସି । ଅନ୍ୟ ପଟେ ଖାତିଗୁଡା ସ୍ଥିତ ଓସିସି ବ୍ରିଜ ସାଇଡ଼ରେ ଥିବା ବସୁଧା ପମ୍ପ ଗୃହ ରେ ପାଣି ମୋଟର ଠିକ ଥିବା ସୂଚନା ମିଳିଛି । କିନ୍ତୁ ଉକ୍ତ ପାଣି ଉପର ଶିବ ମନ୍ଦିର ରେ ଥିବା ୫୦ ହଜାର ଲିଟର ବିଶିଷ୍ଟ ପାଣିଟାଙ୍କି ରେ ଛଡା ନ ଯାଇ ନ ଥିବା କହିଛନ୍ତି ଅଞ୍ଚଳ ବାସୀ । ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ସମସ୍ତ ପରିବାରକୁ ପାନୀୟଜଳ ସୁବିଧା ଯୋଗେଇଦେବା ପାଇଁ ଦାବିକରିଛନ୍ତି ।

## ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଉଦ୍‌ଯାପିତ

ମାହାଙ୍ଗା,୨ ।୩:(ମନ୍ଥନ)କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଭଦ୍ରେଶ୍ୱର ଥାନା ସ୍ଥିତ ପୌରାଣିକ ଶୈବପୀଠ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱରଙ୍କ ଜାଗର ଯାତ୍ରା ଅବସରରେ ନବଦିନ ବ୍ୟାପୀ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ଗତ ୧୨ ତାରିଖ ଠାରୁ ଆରମ୍ଭ ହୋଇ ୨୦ ତାରିଖ ମଧ୍ୟ ରାତ୍ରରେ ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେହ ଗୁରୁପୂଜା, ଧରିତ୍ରୀପୂଜା, ସୂର୍ଯ୍ୟପୂଜା, ଗୋ-ପୂଜା, ମଣ୍ଡପ ପୂଜା, ରୁଦ୍ରାଭିଷେକ, ଚଣ୍ଡୀପାଠ, ଗୀତା ପାଠ, ଭାଗବତ ପାରାୟଣ ସହ ସନ୍ଧ୍ୟାରେ ଆହୁତି ପ୍ରଦାନ କରାଯାଇଥାଏ। ଦୀର୍ଘ ୧୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଦଶ ମାଇ ବିଦ୍ୟା ସିଦ୍ଧ ସାଧକ ଜଗନ୍ନାଥ ବାବାଙ୍କ ମାର୍ଗଦର୍ଶନରେ ଯଜ୍ଞ ପରିଚାଳନା କମିଟିର ଅଧକ୍ଷ ନାରାୟଣ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଯଜ୍ଞ ହୋଇଆସୁଅଛି। ଆହୁତି ପରେ ରାତ୍ରରେ ଭଜନ, ନୃତ୍ୟ ପ୍ରଦର୍ଶନ, ପ୍ରବଚନ, ରାମଲୀଳା ମାନ ପ୍ରଦର୍ଶନ କରାଯାଇଥିଲା। ଆଖପାଖ ଅଂଚଳର ହଜାର ହଜାର ଶ୍ରଦ୍ଧାଳୁ ଦର୍ଶକମାନେ ଏହି ଉତ୍ସବରେ ସମବେତ ହେଉଥିଲେ। ନିକଟରେ ମନୋହରି ଦୋକାନମାନ, ଖେଳ, ଦୋଳି, ଜଳଖିଆ ଦୋକାନ, ଆଦି ଅନେକ ବିପଣୀମାନ ଖୋଲି ଲୋକମାନଙ୍କୁ ଆମୋଦ ପ୍ରଦାନ କରୁଥିଲା।

## ମଙ୍ଗଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରିଡା ଉତ୍ସବ ଅନୁଷ୍ଠିତ

ପିପିଲି,୨ ।୩:(ମନ୍ଥନ)ପିପିଲି ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରିଡା ଉତ୍ସବ ମହାସମାରୋହ ରେ ପାଳନ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଇଶ୍ୱର ଚନ୍ଦ୍ର ଚଉଁରୀ ଅଧକ୍ଷତା କରିଥିଲେ । ବରିଷ୍ଠ ଶିକ୍ଷକ ବିଜୟ କୁମାର ବେହେରା ଅତିଥି ପରିଚୟ



ଦେବା ସହ ସଭାପରିଚାଳନା କରିଥିଲେ । ମୁଖ୍ୟ ଅତିଥିଭାବେ ପିପିଲି ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସହଶିକ୍ଷାଧିକାରୀ ଶରତ କୁମାର ଚଉଁରୀ ଓ ସମ୍ମାନିତ ଅତିଥୀଭାବେ ପଦ୍ମାବତୀ ଉଚ୍ଚ ବିଦ୍ୟାପୀଠ ର ପ୍ରଧାନ ଶିକ୍ଷକ ପରୀକ୍ଷିତ ବରାଳ, ମଙ୍ଗଳପୁର ପଞ୍ଚାୟତ ସମିତିସଭ୍ୟ ଗଦାଧର ପରିଡା, ସରପଞ୍ଚ ସଂଯୁକ୍ତା ବେହେରା, ଶିକ୍ଷାବିତ ସୁଧୀର କୁମାର ପରିଡା, ଆଞ୍ଚଳିକ ସାଧନ କର୍ମୀ ସୁବାଷ ଚନ୍ଦ୍ର ପ୍ରଧାନ ଓ ରଶ୍ମିରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇ ପିଲାମାନଙ୍କ ପାଠପଢା ସହିତ ଛାତ୍ରଛାତ୍ରୀମାନଙ୍କ କ୍ରୀଡା କ୍ଷେତ୍ରରେ ଆବଶ୍ୟକତାକୁ ନେଇ ପରାମର୍ଶ ଦେଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ ମମତା ମହାନ୍ତି, ରୋଜାଲିନ ସାମନ୍ତରାୟ, ପୁଷ୍ପଲତା ବେହେରା, ରତ୍ନଶ୍ରୀ ମଲ୍ଲିକ, ପ୍ରିତୀ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଧ୍ରୁବଚରଣ ଦାଶ ବିଦ୍ୟାଳୟର ଭିତିଭୂମିର ଉନ୍ନତୀ ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଶେଷରେ ଧନ୍ୟବାଦ ଦେଇଥିଲେ ।

## ଜନଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର, ୨ ।୩:(ମନ୍ଥନ) ନବରଙ୍ଗପୁର ପୌର ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ ଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।ଏହି ଜନ ଶୁଣାଣି ଶିବିରରେ ମୋଟ ୫୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୪୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୯ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା ।୦୪ ଟି ଅଭିଯୋଗ ର ସମାଧାନ ତଦ କ୍ଷଣାତ କରାଯାଇଥିଲା ।

# ଇନ୍ଦିପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ



ଡେଲାଙ୍ଗ,୨ ।୩:(ମନ୍ଥନ)ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଇନ୍ଦିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିକ୍ରମ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ କରିଥିଲେ । ଏହି ସମାବେଶରେ ଆଇନସେବା ପ୍ରାଧିକରଣର ସଦସ୍ୟା ଡ. ଜୟଶ୍ରୀ ମହାପାତ୍ର ଯୋଗଦେଇ ମୋବାଇଲ ବ୍ୟବହାର ଓ ଅନଲାଇନ ସେବା ଠାରୁ କୁନୁକୁନି ପିଲାମାନଙ୍କୁ ଦୂରରେ ରଖିବାକୁ ପରାମର୍ଶ ଦେଇଥିଲେ । ଅନଲାଇନ୍ ବ୍ୟବହାର ଦ୍ୱାରା ପିଲାମାନଙ୍କର ମାନସିକ ଓ ଶାରୀରିକ ସନ୍ତୁଳନରେ ବ୍ୟତିକ୍ରମ ଦେଖାଦେବା ସହିତ ମୋବାଇଲ୍ ବ୍ୟବହାର ପିଲାମାନଙ୍କର ସାଧାରଣ ଜୀବନଯାପନରେ କୁପ୍ରଭାବ ପଡୁଛି ବୋଲି କହିଥିଲେ । ସେହିପରି ବିଶିଷ୍ଟ ସମାଜସେବୀ ନିହାରରଞ୍ଜନ ସ୍ୱାଇଁ ସୁସ୍ଥ ସମାଜ ଗଠନରେ ଛାତ୍ରଛାତ୍ରୀଙ୍କୁ ସଠିକ୍ ପ୍ରାଥମିକ ଶିକ୍ଷାଦେବା ପାଇଁ ଅଭିଭାବକମାନଙ୍କୁ ନିବେଦନ କରିଥିଲେ ।ଏହି ସମାବେଶରେ ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡା, ପ୍ରାକ୍ତନ ସହଶିକ୍ଷାଧିକାରୀ ଶ୍ୟାମସୁନ୍ଦର ଦାସ,ସହଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ, ଅବସର ଶିକ୍ଷକ ଅବକାଶ ସେନାପତି, କୃଷ୍ଣଚନ୍ଦ୍ର ମହାରଣା, ନିରଞ୍ଜନ ସାହୁ, ପରିଚାଳନାକମିଟି ଅଧକ୍ଷ ସଞ୍ଜୟ କୁମାର ପ୍ରଧାନ, ଜ୍ୟୋତ୍ରୀମୟୀ ସେନାପତି , ସବିତା ସେନାପତି , ରମେଶ ପରିଡା, ଇଶ୍ୱର ସାହୁ,ଶିକ୍ଷୟିତ୍ରୀ ବେବିନା ପଣ୍ଡା, ମନୋରମା ଦେବୀ, କ୍ରୀଡା ଶିକ୍ଷକ ବଂଶିଧର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।ବିଦ୍ୟାଳୟର ମେଧାଛାତ୍ରଛାତ୍ରୀ ଓ ପାଚିକା ଅମିତା ସେନାପତି ଓ ଉର୍ମିଳା ପରିଡାଙ୍କୁ ଆଶିଷପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ଶେଷରେ ଶିକ୍ଷକ ଦୁଷ୍ମନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ,୨ ।୩:(ମନ୍ଥନ)ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୧୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ହୋଇଥିବାବେଳେ



୫ଟିୟସେଥିମଧ୍ୟରୁ ୧୯ଟି ବ୍ୟକ୍ତିଗତ ଅଭିଯୋଗର ଶୁଣାଣିଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା ।୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ୧୨ ହଜାର ୫୦୦ ଟଙ୍କା ଓ ୧ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଚିକିତ୍ସାସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନଅଭିଯୋଗ ଦାଖଲ କରିଥିଲେ ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ବଲାଙ୍ଗିର, ୨ ।୩:(ମନ୍ଥନ)ବଲାଙ୍ଗିର ଜିଲ୍ଲା ସଦର ମହକୁମାସ୍ଥିତ ପଞ୍ଚାୟତ ସାଧନ କେନ୍ଦ୍ରର ବୈଠକ ଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଥିଲା । ଏହି ଶିବିରରେ ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାର ଓ ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି ଯୋଗଦାନ କରି, ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଆପତ୍ତି ସମ୍ପର୍କିତ ୫୬ଟି ପଞ୍ଜୀକୃତ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ ।ସେଥିରୁ ୬ଟି ସାମୁହିକ ଓ ୫୦ଟି ବ୍ୟକ୍ତିଗତ ଦରଖାସ୍ତ ଥିଲା । ତାହାରୁ ୬ଟି ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା ।ଅନ୍ୟାନ୍ୟ ପତ୍ରଗୁଡ଼ିକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦାଖଲ କରାଯାଇ, ନିର୍ଦ୍ଧିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ସହ-କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ



ପରିବାର କଲ୍ୟାଣ ଅଧିକାରୀ ଡା. ପୁଷ୍ପାଞ୍ଜଳି ମିଶ୍ର, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଆଶୁତୋଷ ଜେନା, ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ବଲାଙ୍ଗିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଷୀକେଶ ଗଣ୍ଡ, ପୌରପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, ସହକାରୀ ଜିଲ୍ଲାପାଳ ରାମନାରାୟଣ ମିଶ୍ର ସହିତ ସମସ୍ତ ଜିଲ୍ଲାସ୍ତରୀୟ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ, କର୍ମଚାରୀ ଓ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ ।

## ସୁଭଦ୍ରା ଶକ୍ତି ମେଳା ମଞ୍ଚରେ କିନ୍ନର ଙ୍କୁ ସୁଯୋଗ

ନବରଙ୍ଗପୁର,୨ ।୩:(ମନ୍ଥନ) ନବରଙ୍ଗପୁର ପୋଲିସ ପଡିଆରେ ଅନୁଷ୍ଠିତ ସୁଭଦ୍ରା ଶକ୍ତି ମେଳା ରେ ଜିଲ୍ଲା କିନ୍ନର ସଂଘ ର ସଦସ୍ୟ ମାନଙ୍କୁ ନୃତ୍ୟ ପରିବେଷଣ କରିବାକୁ ଜିଲ୍ଲା ପ୍ରଶାସନ ସୁଯୋଗ ଦେଇଛି । ନୃତ୍ୟ ଶେଷରେ ଜିଲ୍ଲା କିନ୍ନର ସଂଘର ସଦସ୍ୟ ମାନଙ୍କୁ ଉପଢୌକନ ସହ ସ୍ମୃତି ଫଳକ ଦେଇ ସମ୍ମାନିତ କରାଯାଇଥିଲା । ସୂଚନା ଯୋଗ୍ୟ ଯେ ଉଭୟ ଜିଲ୍ଲା ପ୍ରଶାସନ ଏବଂ ଅନ୍ୟ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ, କିନ୍ନର ସଂଘର ସଦସ୍ୟ ମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ରେ ସୁଯୋଗ ଦେଇ, ସମାଜ ରେ କିନ୍ନର ଙ୍କ ପ୍ରତି କୌଣସି ଭେଦଭାବ ନାହିଁ ବୋଲି ଏକ ବାର୍ତ୍ତା ସମାଜକୁ ପ୍ରଦାନ କରାଯାଉଛି । ପ୍ରଶାସନ ପକ୍ଷରୁ ଜିଲ୍ଲା କିନ୍ନର ସଂଘ ର ସଦସ୍ୟଙ୍କୁ ସୁଭଦ୍ରା ଶକ୍ତି ମେଳା ମଞ୍ଚରେ ନୃତ୍ୟ ପରିବେଷଣ ନିମନ୍ତେ ସୁଯୋଗ ପ୍ରଦାନ କରିଥିବାରୁ ଜିଲ୍ଲା ପ୍ରଶାସନ କୁ କିନ୍ନର ସଂଘର ଅଧକ୍ଷ ମନୋଜ କୁମାର ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଛନ୍ତି । ପ୍ରଶାସନ ର ଏହି ପଦକ୍ଷେପ କୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି । ଉକ୍ତ ଖବର ପ୍ରସାରିତ ହେବା ପରେ କଳାକାର ମହଲରୁ ଶୁଭେଚ୍ଛା ର ବାର୍ତ୍ତା ଛୁଟିଛି। ସୂଚନା ଯୋଗ୍ୟ ଯେ ଏଥି ପୂର୍ବରୁ ଜିଲ୍ଲା ଇତିହାସରେ ପ୍ରଥମ ଥର ପାଇଁ କିନ୍ନର ସଂଘ ର ସଦସ୍ୟ ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ମଣ୍ଡେଇ ମଞ୍ଚରେ ନୃତ୍ୟ ପରିବେଷଣ କରିବାକୁ ସୁଯୋଗ ପ୍ରଦାନ କରାଯାଇଥିଲା ଏବଂ ସେହିପରି କିନ୍ନର ସଂଘ ର ସଦସ୍ୟ ରାଧା ଧାକଡ ମଣ୍ଡେଇ ଲୋକ ଗୀତ ପ୍ରତିଯୋଗିତା ରେ ପ୍ରଥମ ସ୍ଥାନ ଅଧିକାର କରି ଇତିହାସ ସୃଷ୍ଟି କରି ସାରିଛନ୍ତି ଯ କିନ୍ନର ମାନଙ୍କ ଲୁକ୍କାୟିତ ପ୍ରତିଭା କୁ ଲୋକ ଲୋଚନ ଆଣିବାରେ ଜିଲ୍ଲା କିନ୍ନର ସଂଘ ସଫଳ ହେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି । ସୂଚନା ଯୋଗ୍ୟ ଯେ ପୂର୍ବରୁ ମଧ କିନ୍ନର ସଂଘର ସଦସ୍ୟ ମାନେ ଗରିବ ମାନଙ୍କୁ ବର୍ଷା ମାସରେ ଛତା, ଶୀତ ମାସରେ କମ୍ବଳ, ବିଭିନ୍ନ ସମୟରେ ରକ୍ତ ସଂଗୃହିତ ସଂସ୍ଥା ମାନଙ୍କରେ ରକ୍ତ ଦାନ, ବିଭିନ୍ନ ପୂଜା କମିଟି ଏବଂ କ୍ରୀଡା କମିଟି କୁ ଆର୍ଥିକ ସହାୟତା କିମ୍ବା ପ୍ରଶାସନ ସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମ ରେ ଯୋଗଦାନ ଦେଉଛନ୍ତି ।

ସୃଜନ

ପୃଷ୍ଠା ୦୪

ମଙ୍ଗଳବାର ୦୩ ମାର୍ଚ୍ଚ, ୨୦୨୬ ଭୁବନେଶ୍ୱର

TUESDAY, 03 MARCH, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଦୋମୁଁହା ବିଜେଡି

ଓ୍ୱାକଫ ବୋର୍ଡ ବିଲ ଆଣିବେ ବୋଲି ଏନଡ଼ିଏ ନେତୃତ୍ୱାଧୀନ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ଥିଲେ ଓ ଲୋକସଭାରେ ଏହି ବିଲ ଆଗତ ହେବା ପରେ ଶାସକ – ପ୍ରତିପକ୍ଷ ମଧ୍ୟରେ ଜୋରଦାର ବିତର୍କ ଚାଲିଲା ଓ ଶାସକ ଦଳ ବିଲ ସପକ୍ଷରେ ସକାରାତ୍ମକ ଯୁକ୍ତି ଉପସ୍ଥାପନ କରିଥିବାବେଳେ ପ୍ରତିପକ୍ଷ ଏହାର ନକାରାତ୍ମକ ଦିଗ ନେଇ ପ୍ରବଳ ବିରୋଧ କରିଥିଲେ । ଦେଶର ସଂଖ୍ୟାଲଘୁ ମୁସଲମାନଙ୍କୁ ଟାର୍ଗେଟ କରି ସେମାନଙ୍କର ସାମ୍ବିଧାନିକ ଅଧିକାର ହରଣ କରିବାକୁ ସରକାର ମସୁଧା କରିଛନ୍ତି ବୋଲି ସମସ୍ତ ବିରୋଧୀ ଦଳ ମିଳିତ ଭାବରେ ଅଭିଯୋଗ କଲେ । ସମ୍ବିଧାନର ଧାରା ୨୫ ଓ ୨୬ ର ଏହି ବିଲ ସିଧାସଳଖ ଉଲ୍ଲଙ୍ଘନ କରୁଛି ବୋଲି ଅଧିକାଂଶ ବିରୋଧୀ ଦଳର ନେତା ଖୋଲାଖୋଲି ଭାବରେ ସେମାନଙ୍କର ମତ ଉପସ୍ଥାପନ କଲେ ଓ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକସଭାରେ ବିତର୍କର ଝଡ ସୃଷ୍ଟି ହେଲା ଓ ଶେଷରେ ବିଲ ଉପରେ ଭୋଟ ହେବା ପରେ ସରକାରଙ୍କ ବିଜୟ ହୋଇଥିଲା ଓ କୃଷି ବିଲ ଭଳି ଏହା ଏକ କଳା ଆଇନ ଏବଂ ଦେଶବ୍ୟାପୀ ଆନ୍ଦୋଳନ କରାଇ ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ସରକାର ଏହି ବିଲ ଆଣିଛନ୍ତି ବୋଲି ବିରୋଧୀ ସରକାରକୁ ଘେରିଛନ୍ତି । ଅନ୍ୟପଟେ ଦେଶବ୍ୟାପୀ ମୁସଲମାନ ସଂଗଠନ ଗୁଡିକ ପକ୍ଷରୁ ବିଲକୁ ତୀବ୍ର ବିରୋଧ କରାଯାଇଛି । ଏହି ସଂଗଠନ ସମୂହ ଭାବରେ ରାଜରାସ୍ତାରେ ଓହ୍ଲାଇ ଆନ୍ଦୋଳନ ଆରମ୍ଭ କରିଛନ୍ତି ଓ ତେବେ ଆମେରିକା ରାଷ୍ଟ୍ରପତି, ଡୋନାଲଡ ଟ୍ରମ୍ପ ଭାରତରୁ ରପ୍ତାନୀ ହେଉଥିବା ସାମଗ୍ରୀ ଉପରେ ୨୬ ପ୍ରତିଶତ ଟାରିଫ ଲଗାଇବା ପରେ ଆଗକୁ ଯେଉଁ ଆର୍ଥିକ ସଙ୍କଟ ସୃଷ୍ଟି ହେବାକୁ ଯାଉଛି, ସେଥିରୁ ଧ୍ୟାନ ହଟାଇବା ଲାଗି କେନ୍ଦ୍ର ସରକାର ଉଦ୍ଦେଶ୍ୟମୂଳକ ଭାବରେ ଏହି ବିଲ ଆଣିଛନ୍ତି ବୋଲି ବିରୋଧୀ ଦଳର ବରିଷ୍ଠ ନେତାମାନେ ମତବ୍ୟକ୍ତ କରିଛନ୍ତି । ଟ୍ରମ୍ପଙ୍କ ଟାରିଫ ଘୋଷଣା ପରେ ଆମେରିକା ଅର୍ଥନୀତି ଉପରେ ଏହାର ପ୍ରଭାବ ପଡିଥିବାବେଳେ, ଭାରତର ପୁଞ୍ଜି ବଜାରରେ ଝଡ ସୃଷ୍ଟି ହୋଇଛି ଓ ନିବେଶକ ବିପୁଳ ପରିମାଣର ଅର୍ଥ ହରାଇଛନ୍ତି ଓ ଏହାର ପ୍ରଭାବରେ ଦରଦାମ ଆହୁରି ବଢିବ ଓ ବେକାରି ସମସ୍ୟା ଉତ୍କଟ ରୂପ ନେବାର ଆଶଙ୍କା ପ୍ରକାଶ ପାଇଲାଣି । ତେବେ ଓ୍ୱାକଫ ବିଲ ଓ ଟ୍ରମ୍ପଙ୍କ ଟାରିଫ ମଧ୍ୟରେ ଛନ୍ଦି ହୋଇପଡିଛି ଆଞ୍ଚଳିକ ବିଜେଡି ଦଳର ଆଭିମୁଖ୍ୟ ଓ ଦଳର ଦୋମୁଁହା ନୀତି ନେଇ ବିସ୍ମୟ ପ୍ରକାଶ ପାଇଛି । ନବୀନଙ୍କ ନେତୃତ୍ୱ ଉପରେ ସନ୍ଦେହ ସୃଷ୍ଟି ହୋଇଛି ଓ କାହା ନିର୍ଦ୍ଦେଶରେ ଚାଲିଛି ଏହି ଆଞ୍ଚଳିକ ଦଳ? ଓ ନିର୍ବାଚନରେ ପରାଜୟ ପରେ ଏହି ଦଳର ବିଭିନ୍ନ ପ୍ରସଙ୍ଗ ଉପରେ କୌଣସି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ରହୁନି ଓ ୨୪ ବର୍ଷର ଶାସନ ମଧ୍ୟରେ ୯ ବର୍ଷ ବିଜେପି ସହିତ ମେଣ୍ଟ କରିଥିବା ବିଜେଡି ୨୦୦୯ ରେ ବିଜେପି ଠାରୁ ଅଲଗା ହେଲା ଓ ଦୀର୍ଘ ୧୫ ବର୍ଷ ହେବ ଉଭୟ କଂଗ୍ରେସ ଓ ବିଜେପି ଠାରୁ ସମଦୂରତା ରକ୍ଷା କରାଯାଉଛି ବୋଲି ଗଣମାଧ୍ୟମରେ ବାରମ୍ବାର ସଫେଇ ଦେଇଛନ୍ତି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଓ କିନ୍ତୁ ଲୋକସଭା ଓ ରାଜ୍ୟସଭାରେ ଆଗତ ସମସ୍ତ ବିଲରେ ସେ ବିଜେପିକୁ ସମର୍ଥନ କରିଛନ୍ତି । ରାଜ୍ୟର ବୃହତ୍ତର ସ୍ୱାର୍ଥ୍ୟ ଦୃଷ୍ଟିରୁ ତାଙ୍କ ଦଳ ଏପରି ନିର୍ଣ୍ଣୟ ନେଉଛି ବୋଲି କହୁଥିଲେ ମଧ୍ୟ ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ ପ୍ୟାହା ପ୍ରଦାନ, ଓଡିଶୀକୁ ଶାସ୍ତ୍ରୀୟ ସଙ୍ଗୀତ ମାନ୍ୟତା, ଅଧିକ ରେଳ ଅନୁଦାନ ଓ କୋଇଲା ରୟାଲଟି ଆଦି ବାବଦରେ ବିଜେଡି କେନ୍ଦ୍ର ସରକାରଙ୍କ ଠାରୁ ରାଜ୍ୟ ପାଇଁ କୌଣସି ବୃହତ୍ତର ସ୍ୱାର୍ଥ୍ୟ ହାସଲ କରିବାରେ ସକ୍ଷମ ହୋଇନାହିଁ ଓ ଦଳର ରାଜନୈତିକ ଆଭିମୁଖ୍ୟ ବିବାଦୀୟ ବୋଲି କୁହାଯାଇପାରେ । ଓ୍ୱାକଫ ବିଲ ସମର୍ଥନ ଓ ବିରୋଧ ପ୍ରସଙ୍ଗରେ ଦଳର ଅସ୍ୱଷ୍ଟ ଅଭିମୁଖ୍ୟକୁ ନେଇ ଦଳର ବରିଷ୍ଠ ନେତୃବୃନ୍ଦଙ୍କ ମତାମତରେ ବିରୋଧାଭାସ ପରିଲକ୍ଷିତ ହୋଇଛି । ଓ୍ୱାକଫ ବିଲକୁ ବିଜେଡି ବିରୋଧ କରିବ ବୋଲି ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିବାବେଳେ ଦଳର ଆଗଧାଡିର ନେତା, ସସ୍ମିତ ପାତ୍ରଙ୍କ ୟୁ – ଟର୍ଣ ଦଳ ମଧ୍ୟରେ ରହିଥିବା କନ୍ଦଳକୁ ପଦାରେ ପକାଇଦେଇଛି । ଦଳ କିଏ ଚଳାଉଛି ବୋଲି ପ୍ରଶ୍ନ ଉଠିବା ସହ ଦଳ ମଧ୍ୟରେ ବିଦ୍‌ରୋହ ଦାନା ବାନ୍ଧୁଥିବାର ଆଶଙ୍କା ପ୍ରକାଶ ପାଇଲାଣି ଓ ଦଳ ମଧ୍ୟରେ ଝଡ ସୃଷ୍ଟି ହେଉଥିବାବେଳେ ମୁଖିଆଙ୍କ ନିରବତା ବିସ୍ମୟ ସୃଷ୍ଟି କରିଛି । ନିର୍ବାଚନ ଜିତିବା ପରେ ବିଜେପି ଏହାର ପ୍ରତିଶ୍ରୁତି ପୂରଣ ପାଇଁ ଜୋରଦାର ଉଦ୍ୟମ କରୁଥିବାବେଳେ, କଂଗ୍ରେସ ଦଳର ନେତୃବୃନ୍ଦ ଗୋଷ୍ଠୀକନ୍ଦଳ ଭୁଲି ଏକଜୁଟ ହେଉଛନ୍ତି ଓ ଏପରି ଏକ ସମୟରେ ବିରୋଧୀ ଦଳ ଭୂମିକାରେ ଥିବା ବିଜେଡିର ଅସ୍ୱଷ୍ଟ ଆଭିମୁଖ୍ୟ ବୁଦ୍ଧିଜୀବୀ ମହଲରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି ଓ ବିଜେପି – ବିଜେଡି ଭିତିରିଆ ଡିଲ ହୋଇଥିବା ସନ୍ଦେହ ପ୍ରକାଶ ପାଉଛି ଓ ଯଦି ଏପରି ଡିଲ ହୋଇଥାଏ, ତେବେ ରାଜ୍ୟରେ ବିରୋଧୀ ଦଳର ଭୂମିକା ନିର୍ବାହରେ ଦଳର କିପରି ନିଷ୍ଠାପରତା ରହିବ ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ ଓ ହୁଏତ ଓ୍ୱାକଫ – ୟୁ – ଟର୍ଣ ଆଗାମୀ ଦିନରେ ବିଜେଡିର ରାଜନୈତିକ ବିଚାରଧାରା ଓ ଅଭିମୁଖ୍ୟକୁ ଏକ ସ୍ୱଷ୍ଟ ରୂପ ଦେଇପାରେ ବୋଲି ଆଶା କରାଯାଉଛି ।

# ଭୋଟରଙ୍କ ପିଲାମାନେ ରାଜନେତାଙ୍କ ସେନା

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ସ୍ୱାଧୀନତା ସଂଗ୍ରାମରେ ଛାତ୍ରଛାତ୍ରୀ ମାନେ ଗାନ୍ଧୀଙ୍କ ଆନୁଗତ୍ୟଙ୍କ ଆହ୍ୱାନ ଶୁଣି ବାନର ସେନା ସାଜି ସତ୍ୟଗ୍ରହରେ ଲାଠି ମାଡ଼ ସହିଥିଲେ, ଅନେକ ଜଗରଣରେ ମହା ବିପ୍ଳବରୁ ତ୍ରାହିତ୍ରାହି ଡାକି ପେଡ଼ିପୁଟୁଳା ବାନ୍ଧି ଘର ଧରିଥିଲେ, ଦେଶ ସ୍ୱାଧୀନ ହେଲା, ହେଲେ ଯେମିତି ଛାତ୍ର ମାନଙ୍କୁ ସେନାଗିରୀରୁ ରେହାଇ ମିଳିବା ଦେଖାଯାଉନାହିଁ । ସରକାର କାନୁନ କରିଚନ୍ତି ସବାଳକ ସବାଳିକା ଭୋଟର, ଯାହାଙ୍କ ସରକାର ଗଢ଼ିବାରେ ଅଂଶୀଦାର ଅଧିକାର ରହିଛି । ଏହି ସମୟରେ ପିଲାମାନେ ବିଦ୍ୟାଳୟ ଛାଡ଼ ଠାଇ କଲେଜ କୁଆସୁଥିବେ, ଏମାନଙ୍କ ମଧ୍ୟରୁ ଅନେକ ପ୍ରତି ପାଞ୍ଚ ବର୍ଷ ଭୋଟକୁ ପାର୍ଥୀ ହେଉଥବା ନେତାଙ୍କୁ ବଳ ଯୋଗାଇବା ସେନା । ସେମାନଙ୍କୁ ମୋଦ କରି ସାମୟିକ ଯୁଦ୍ଧରେ କାମରେ ଲଗାଇ କାର୍ଯ୍ୟ ହାସଲ କରାଯାଉଛି, ଯଦି କେହି ବିଦ୍ୱାନ ବୁଦ୍ଧିଜୀବୀ ଜାଗ୍ରତ ବୁଦ୍ଧିରଥିବେ କଥାଟିକୁ ବୁଝନ୍ତୁ ଆଜି ଏତେ ରାଜନୈତିକ ଦଳ ପୁଣି ଏକ ଦଳରେ ଉପଦଳ ସୃଷ୍ଟିର ଜଡ଼ ଏହି ପ୍ରକ୍ରିୟା ସୃଷ୍ଟିର କାରଣ, ସରକାର ଲୋକଙ୍କୁ ଦଲାଲି ପରୋକ୍ଷ ଶିଖାଉଛନ୍ତି ।

ଯୋଜନାର ଆସୁଥିବା କାମରେ ନେତା ନାକ ଗଳେଇ ଏପରି ବିଶେଷ ଯୁଦ୍ଧ ସହାୟକ ସେନାକୁ ତୋଷ ଚେଷ୍ଟା କରୁଛନ୍ତି, ଯୁବକ କିଶୋର ମାନଙ୍କୁ କପଟ ଭଲପାଇବା ଲଗାଇ ମଦ୍ୟ ନିଶା ଫୋକଟରେ ଦେଇ ପରେ ଖର୍ଚ୍ଚ ବଢ଼ାଇ ତାଙ୍କୁ ଅସାମାଜିକ ଉଗ୍ର ସଜାଉଛନ୍ତି, ଅନେକଙ୍କର ପାଠପଢ଼ାକୁ ବିତୃଷ୍ଣା କରାଉଛନ୍ତି । ଗୋଡ଼ାଣିଆରେ ସାମିଲ କରୁଛନ୍ତି, ଭୋଟ ବେଳେ ଏକ ସାହିରେ କିଶୋର କିଶୋରଙ୍କ ମଧ୍ୟରେ ଝଗଡ଼ା କରାଇ ତାଙ୍କ ପରିବାରଙ୍କୁ ଥାନା କଚେରୀ ପଥ ଦେଖାଉଛନ୍ତି । କ'ଣ କଲେ ସୁସ୍ଥ ପିଲାମାନେ ଠିକ ଦେଶକୁ ଚିହ୍ନିବେ ଏବାଟ ଏବେଠାରୁ ଚିନ୍ତାକରାଯାଉ ନହେଲେ ବିଧାନସଭା କାର୍ଯ୍ୟ ବାରମ୍ବାର ବନ୍ଦ, ଘେରାଉ, ରାସ୍ତା ରୋକ, ବୃଥାଦଙ୍ଗା ଆହୁରି ବଢ଼ିବ, ନାରୀ ନିର୍ଯାତନା ଆହୁରୀବଢ଼ିବ । ଯେ ନେତା ହୁଅନ୍ତୁ ପ୍ରଥମେ ତାଙ୍କ ଅଞ୍ଚଳ ଭୋଟରଙ୍କ ପ୍ରଥମେ ଆସ୍ଥା ଭାଜନ ହୁଅନ୍ତୁ ଏ ପାଇଁ ସ୍ଥାନୀୟ ସମସ୍ୟା କେମିତିକା ସେ ମୁକାବିଲା କରି ସମାଧାନ କରିପାରିବେ ଏ ପାଇଁ ବିଭିନ୍ନ ଦଳ ପାର୍ଥୀମାନେ ଡିବେଟର ସମ୍ମୁଖୀନ ପ୍ରଥମେ ହୁଅନ୍ତି । ଲୋକଙ୍କ ସେବା କରିବା ପିଲାଖେଳ ବିଳାସମୟ କାର୍ଯ୍ୟ ନୁହେଁ ଏକଥା ଭୋଟରେ ପ୍ରାର୍ଥି ହେଲେ ବେଳେ ବୁଝନ୍ତୁ ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର,
କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# କୃଷ୍ଣସ୍ତୁ ଭଗବାନ ସ୍ୱୟଂ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଓଡ଼ିଆ ଜନଜୀବନରେ ବସନ୍ତ ଋତୁରେ ପ୍ରେମମୟ ଶ୍ରୀକୃଷ୍ଣଙ୍କ ଦୋଳଉତ୍ସବ ଓ ହୋଲି ପ୍ରତିଟି ଓଡ଼ିଆ ପାଇଁ ଅତ୍ୟନ୍ତ ଭାବପୂର୍ଣ୍ଣ ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ । ଗୀତ ଗୋବିନ୍ଦରେ ଉଲ୍ଲେଖ ରହିଛି – 'ରାଧାମାଧବୟୋର୍ଜୟନ୍ତି ଯମୁନା କୂଳେ ରହଃ କେଳୟଃ' । ଲଳିତ ଲବଙ୍ଗ ଲତାକୁ ଛୁଇଁ ବହି ଆସୁଥିବା ମଳୟ ସମୀରଣର ତାନେ ତାନେ ଜୀବରୂପିଣୀ ଗୋପୀମାନେ ପରମାତ୍ମାଶ୍ରୀକୃଷ୍ଣଙ୍କ ସାନ୍ନିଧ୍ୟ ଲାଭକରି, ବୃନ୍ଦାବନରେ ଯେଉଁ ରାସଲୀଳା ଆରମ୍ଭ କରିଥିଲେ, ତାହା ହେଉଛି – ଦୋଳଯାତ୍ରା ବା ହୋଲି ପର୍ବର ମୂଳ ଉତ୍ସ । ଜନ ସମାଜର ପ୍ରତୀକ ଗୋପୀମାନେ ଶ୍ରୀରାଧାଙ୍କ ନେତୃତ୍ୱରେ ସମସ୍ତ ସାଂସାରିକ ବାସ୍ନାରୁ ମୁକ୍ତ ହୋଇ, ପରମବ୍ରହ୍ମ ଶ୍ରୀକୃଷ୍ଣଙ୍କ ଶ୍ରୀଚରଣରେ ଆତ୍ମ ସମର୍ପଣ କରିବା ସଙ୍ଗେ ସଙ୍ଗେ ରଙ୍ଗ ପିଚକାରୀ ଖେଳ ଆରମ୍ଭ କରିଥାନ୍ତି । ପ୍ରେମାନୁରାଗ ଭକ୍ତିର ଚରମ ସୋପାନରେ ଆସୀନା ଗୋପୀଗଣ ଶ୍ରୀକୃଷ୍ଣଙ୍କ ନବନୀରଦ ଶ୍ୟାମ ଶରୀରରେ; ଅବିର, ଅଗୁରରୁ ଚନ୍ଦନ ବୋଳି ମିଳନର ଆକୁଳତା ପ୍ରକାଶ କରନ୍ତି । ଭକ୍ତଗଣଙ୍କ କାନ୍ତଭାବାଶ୍ରିତ ଭକ୍ତିରେ ପ୍ରୀତ ପରମେଶ୍ୱର ଶ୍ରୀକୃଷ୍ଣ; ସେମାନଙ୍କ ସହିତ ପଦାତ୍ମ୍ୟଭାବ ପ୍ରକାଶ କରି, ଏକାକାର ହୋଇ ଯାଆନ୍ତି । ଏହା ହିଁ ହେଉଛି ହୋଲି ଖେଳର ଆତ୍ମିକ ଅଭିବ୍ୟକ୍ତି । ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଭାବଗମ୍ଭୀର ଓ ଆନନ୍ଦିତ ସ୍ୱରରେ ଶ୍ରୀକୃଷ୍ଣଙ୍କ ରାସଲୀଳା ବ୍ୟାଖ୍ୟା କଲେ । ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି – ଏକ ଜ୍ୟୋତ୍ସ୍ନାପ୍ଲାବିତ ଶାରଦ ରଜନୀରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ କେନ୍ଦ୍ର କରି ଗୋପୀମାନେ ଆନନ୍ଦରେ ନୃତ୍ୟ କରୁଥିଲେ । ଏହି ନୃତ୍ୟଲୀଳା କେବଳ ଆକ୍ଷରିକ ଅର୍ଥରେ, ଏକ ବିଶେଷ ସ୍ଥାନରେ ବା ବିଶେଷ ସମୟରେ ଯେ ସଂଗଠିତ ତାହା ନୁହେଁ । ଏହି ନୃତ୍ୟ ଚିରନ୍ତନ । ଏହାକୁ କୁହାଯାଏ ଜୀବନର ଛନ୍ଦାୟିତ ଚଳନ, ଯାହାର ତାଳ କେବେ ଭଙ୍ଗ ହୁଏନାହିଁ । ଅନ୍ୟ ଅର୍ଥରେ ଏହିପରି ଚଳନରେ ଯିଏ ଚାଲେ ତାର କେବେ ବେତାଳରେ ଗୋଡ଼ ପଡ଼େ ନାହିଁ । ଜୀବନ ଯେତେବେଳେ ଇଷ୍ଟଗୁରୁଙ୍କ (ଶ୍ରୀକୃଷ୍ଣ) ପ୍ରତି ଅନୁରାଗବଦ୍ଧ ହୋଇ ଉଠେ ଓ ପ୍ରଭୁଙ୍କର ଆଦିଷ୍ଟ ଚଳନରେ ଚାଲେ, ସେତେବେଳେ ଆଉ ଭ୍ରାନ୍ତି ଆସେନାହିଁ । ରାସଲୀଳା ହେଉଛି ଏହାର ଇଙ୍ଗିତ । ଜୀବକୁଳ ଯଦି ଏହି ଭାବରେ



କୁଳମାଳିକଙ୍କୁ କେନ୍ଦ୍ର କରି ସୁତାଳ ଚଳନରେ ଚାଲନ୍ତି ତେବେ ଆଉ ଦିଗ୍‌ଭ୍ରାନ୍ତ ହେବାର ସମ୍ଭାବନା ନଥାଏ । ଏହି କେନ୍ଦ୍ରାୟିତ ଆବର୍ତ୍ତନ ସୃଷ୍ଟିର ସୂକ୍ଷ୍ମାତିସୂକ୍ଷ୍ମ ପର୍ଯ୍ୟାୟରେ ଏକ ଏଟମ୍ ଭିତରେ ମଧ୍ୟ ନିହିତ ଅଛି । ସେଠାରେ ମଧ୍ୟ ଏକ ପ୍ରୋଟନ୍‌କୁ କେନ୍ଦ୍ର କରି ଚାଲିଛି ଇଲେକ୍ଟ୍ରନର ଆବର୍ତ୍ତନ । ଶ୍ରୀ ଶ୍ରୀ ଠାକୁର କଥା ପ୍ରସଙ୍ଗରେ ଦିନେ କହିଲେ – ଭଗବାନ ଶ୍ରୀକୃଷ୍ଣଙ୍କର ରାସଲୀଳା ଏହି ଏଟମ୍ ଭିତରେ ନିତ୍ୟ ଗତିଶୀଳତାର ଅଭିବ୍ୟକ୍ତି । ଏକ ଏଟମ୍‌ର କେନ୍ଦ୍ରାୟିତ ଆବର୍ତ୍ତନ ଯେଉଳି ସେହି ଏଟମ୍‌କୁ ଧରି ରଖିବାରେ ସାହାଯ୍ୟ କରେ, ଭାଙ୍ଗିଯିବାକୁ ଦିଏ ନାହିଁ, ସେହିପରି ଜୀବନକୁ ସୁସଂସ୍ଥ ଓ ସୁସଂବଦ୍ଧ କରି ରଖିବାକୁ ହେଲେ ଆବଶ୍ୟକ ଜୀବନର କୁଳମାଳିକ ବା ଇଷ୍ଟଗୁରୁଙ୍କ ପ୍ରତି ଅଚ୍ୟୁତ ନିଷ୍ଠାନନ୍ଦିତ ସୁକେନ୍ଦ୍ରିକ ଅନୁଚଳନ । ଏହି ଚଳନରେ ହିଁ ଜାଗି ଉଠେ ବ୍ୟକ୍ତିତ୍ୱ, ଜୀବନ ହୁଏ ଆନନ୍ଦମୟ ଓ ସେହି ଦିବ୍ୟ ଚଳନର ଦ୍ୟୋତକ ହିଁ ରାସଲୀଳା । ଶ୍ରୀକୃଷ୍ଣଙ୍କର ଲୀଳାକାଳରେ ଏକ ବିଶେଷ ଅଂଶ ଘଟେ ବୃନ୍ଦାବନରେ । ସେଠାରେ ସେ ବହୁ ଅସୁର ମାନଙ୍କର ନିଧନ କରି ବହୁ ଶରଣାଗତଙ୍କୁ ରକ୍ଷା କରିଛନ୍ତି । ଏହି ବୃନ୍ଦାବନ ହେଉଛି ଏକ ସ୍ଥାନର ନାମ । ଶ୍ରୀକୃଷ୍ଣ ବୃନ୍ଦାବନକୁ ଏତେ ଭଲପାନ୍ତି ଯେ ସେ ବୃନ୍ଦାବନ ପରିତ୍ୟାଗ କରି ଅନ୍ୟତ୍ର ଯିବାକୁ ଚାହାଁନ୍ତି ନାହିଁ – ବୃନ୍ଦାବନଂ ପରିତ୍ୟାଜ୍ୟ ପାଦମେକଂ ନ ଗଚ୍ଛାମି । କିନ୍ତୁ ବୃନ୍ଦାବନ ବାଲ୍ୟଲୀଳା ପରେ ମଧ୍ୟ ଶ୍ରୀକୃଷ୍ଣ ଲୀଳା କରିଛନ୍ତି ମଥୁରା, ହସ୍ତିନାପୁର ଓ ଦ୍ୱାରକାରେ । ଏହି ପ୍ରସଙ୍ଗରେ ଦୟାଳ ଶ୍ରୀ ଶ୍ରୀ ଠାକୁର କହିଛନ୍ତି – ବୃନ୍ଦାବନ ଶବ୍ଦ ଭିତରେ ଅଛି ବୃନ୍ଦ ଓ ଅବନ । ବୃନ୍ଦ ମାନେ ସମୂହ – ବିଶ୍ୱଜଗତର ସବୁକିଛି । ଅବନ ଆସିଛି ଅବ୍ ଧାତୁ ଠାରୁ ମାନେ ରକ୍ଷା କରିବା । ତେଣୁ ବୃନ୍ଦାବନ ଶବ୍ଦର ଅର୍ଥ ହେଉଛି ବିଶ୍ୱ ଦୁନିଆର ପ୍ରତିଟି ବସ୍ତୁ ଯେଉଁଠାରେ ସୁରକ୍ଷିତ ରହିଛନ୍ତି । ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କର ନୀତିବିଧି ହେଲା ଜୀବନପାଳନୀ । ଏହି ଗୁଡ଼ିକ ଯେଉଁମାନେ ପାଳନ କରି ଚାଲନ୍ତି ସେମାନେ ମୃତ୍ୟୁ ଓ ସହସ୍ର ସହସ୍ର ଆପଦ ବିପଦ ମଧ୍ୟରୁ ରକ୍ଷା ପାଆନ୍ତି । ତେଣୁ ଶ୍ରୀକୃଷ୍ଣଙ୍କର ଅନୁଶାସନ ହେଲା ବୃନ୍ଦାବନ । ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ସୌହାର୍ଦ୍ଦ୍ୟର ପ୍ରତୀକ ହେଉଛି ହୋଲି ଖେଳ । କର୍ମବ୍ୟସ୍ତ ତେଲଲୁଣର ସଂସାର ହେଉ ବା କର୍ମକ୍ଷେତ୍ରର ଗୁରୁଦାୟିତ୍ୱ ଭିତରେ ପ୍ରାୟତଃ ସମସ୍ତେ କିଛି ସମୟ କାଢ଼ି ଥାନ୍ତି ରଙ୍ଗ ଓ ଆନନ୍ଦର ମହାପାର୍ବଣ ହୋଲିରେ ନିଜକୁ ସାମିଲ କରିବାପାଇଁ । ପବିତ୍ର ହୋଲି ରଙ୍ଗ ଆନନ୍ଦର ପାର୍ବଣ ସମସ୍ତଙ୍କ ଭିତରେ ସେବା ଠାରୁ ସ୍ନେହଶ୍ରଦ୍ଧା ଓ ଭଲ ପାଇବା ଠାରୁ ସମାଜ ସେବାରେ ନିଜକୁ ବ୍ରତୀ ରଖିଲେ ହୋଲିର ଅନ୍ତର୍ନିହିତ ତାତ୍ପର୍ଯ୍ୟ ନିଶ୍ଚିତ ଭାବେ ସମସ୍ତଙ୍କ ପାଇଁ ପ୍ରେରଣାପ୍ରଦାୟକ ହୋଇପାରିବ ଏହା ହିଁ ସମସ୍ତଙ୍କ ପାଇଁ କାମନା ।

ପ୍ରତିରଦ୍ଧିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ସାମ୍ପ୍ରତିକ ୟୁଜିସି ବିବାଦ

ଅଧ୍ୟାପକ ଗୋପବନ୍ଧୁ (ଅବସରପ୍ରାପ୍ତ), ଦର୍ଶନ ବିଭାଗ=

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନୂତନ ନିୟମକୁ ନେଇ ବିବାଦ ତୀବ୍ର ହେବାରେ ଲାଗିଛି । ପ୍ରଥମେ ଏହାକୁ ବାତିଲ କରିବା ପାଇଁ ଆନ୍ଦୋଳନ ହେଲା । ଏବେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆନ୍ଦୋଳନ ଆରମ୍ଭ ହୋଇଯାଇଛି । ଦୂରଦର୍ଶନର ବିତର୍କଠାରୁ ଆରମ୍ଭକରି ସାମାଜିକ ଗଣମାଧ୍ୟମ ପର୍ଯ୍ୟନ୍ତ ଆଲୋଚନା ଓ ପର୍ଯ୍ୟାଲୋଚନା ଜୋରସୋରରେ ଚାଲିଛି । ଏହାକୁ ନେଇ ଛାତ୍ରସମାଜ, ଯୁବସମାଜ, ବୁଦ୍ଧିଜୀବି ଓ ଅଲୋଚକମାନେ ଦୁଇ ଭାଗରେ ବିଭକ୍ତ ହୋଇ ଯାଇଛନ୍ତି । ଏହି ନିୟମର ଆବଶ୍ୟକତା କ'ଣ ଥିଲା ଓ ଏଥିରେ କେଉଁ ସମସ୍ତ ବ୍ୟବସ୍ଥା ରହିଛି ତାକୁ ଗଭୀରଭାବେ କେତେଜଣ ଅନୁଧ୍ୟାନ କରିଛନ୍ତି ତାହା ଭିନ୍ନକଥା । ଏମାନଙ୍କ ମଧ୍ୟରୁ ଅଧିକାଂଶ ଜାତିଗତ ଭାବନାକୁ ନେଇ ଆନ୍ଦୋଳନ ଭିତରକୁ ଡେଇଁ ପଡ଼ିଛନ୍ତି । ଅନେକ ସାଧାରଣ ବର୍ଗର ଲୋକ ଭାବୁଛନ୍ତି ଏହା ତାଙ୍କ ବିରୁଦ୍ଧରେ ତାଙ୍କୁ ସଙ୍କୁଚିତ କରିବା ପାଇଁ ଉଦ୍ଦିଷ୍ଟ । ତେଣୁ ଏମାନେ ପ୍ରଥମେ ଏହାକୁ ବିରୋଧ କରିବା ଆରମ୍ଭ କଲେ । ଅବଶ୍ୟ ଏହି ବର୍ଗର ଅନେକ ବିଜ୍ଞ ଓ ଗମ୍ଭିର ଆଲୋଚକ ଏହାକୁ ସମର୍ଥନ କରୁଛନ୍ତି । ଅନ୍ୟପଟେ ପ୍ରାୟତଃ ସମସ୍ତ ସଂରକ୍ଷଣ ସୁବିଧା ଭୋଗୀ ବର୍ଗ ଏହାକୁ ସମର୍ଥନ କରୁଛନ୍ତି ଓ କାର୍ଯ୍ୟକାରିତା ପାଇଁ ଦାବୀ କରୁଛନ୍ତି ।

ନୂତନ ୟୁଜିସି ନିୟମ ୨୦୧୨ ମସିହାରେ ପାରିତ ୟୁଜିସି ନିୟମର ପରିବର୍ତ୍ତୀତ ଓ ସମ୍ପ୍ରସାରିତ ରୂପ । ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ହେଉଥିବା ଜାତିଗତ ଭେଦଭାବ ଓ ନିର୍ଯ୍ୟାତନାକୁ ରୋକିବା ପାଇଁ ୨୦୧୨ ମସିହାରେ ଏହି ନିୟମ ପାରିତ ହୋଇଥିଲା । ଏହା କେବଳ ଅନୁସୂଚୀତ ଜାତି ଓ ଜନଜାତିମାନଙ୍କ ସୁରକ୍ଷା ପାଇଁ ପାରିତ ହୋଇଥିଲା । କିନ୍ତୁ ଦେଖାଗଲା ଏହି ନିୟମ ଭେଦଭାବ ଓ ନିର୍ଯ୍ୟାତନାକୁ ରୋକିବା ପାଇଁ ଯଥେଷ୍ଟ ନୂହେଁ । ଏହାର କାରଣ ହେଉଛି ନିୟମରେ ଅନେକ ଦୁର୍ବଳତା ରହିଛି । ଅଭିଯୋଗଠାରୁ ଆରମ୍ଭ କରି ଦଣ୍ଡବିଧାନ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରୀୟା ଅତ୍ୟନ୍ତ ମନ୍ଥର ଥିଲା । ଉତ୍ତରଦାୟିତ୍ୱ ଉପରେ ସ୍ୱଷ୍ଟତା ନଥିଲା । ଫଳରେ ଅନେକ ଅଭିଯୋଗ ବାଟରେ ଅଟକି ଯାଉଥିଲା । ଭେଦଭାବ ଓ ନିର୍ଯ୍ୟାତନାର ଶୀକାର ଛାତ୍ର କିମ୍ବା ଛାତ୍ରୀ ହତାଶା ମଧ୍ୟରେ ସବୁକିଛି ମୁଣ୍ଡପାତି ସହି ଯାଉଥିଲା କିମ୍ବା ପାଠପଢ଼ା ଛାଡ଼ି ଦେଉଥିଲା ଅଥବା ଅତିଷ୍ଠ ହୋଇ ଆତ୍ମହତ୍ୟା କରୁଥିଲା । ନିୟମ ଥିବା ସତ୍ୱ ? ଏପରି ଘଟଣା ବନ୍ଦହେବା ତ ଦୂରର କଥା ଏହା ବଢ଼ିବଢ଼ି ଚାଲିଥିଲା ।

ୟୁଜିସି ଦ୍ୱାରା ଉପସ୍ଥାପିତ ତଥ୍ୟ- ୨୦୨୫ ଅନୁଯାୟୀ ବିଗତ ବର୍ଷମାନଙ୍କରେ ଜାତିଗତ ଭେଦଭାବ ୧୧୮% ବୃଦ୍ଧି ପାଇଛି । ୨୦୧୯-୨୦ ଶିକ୍ଷାବର୍ଷରେ ୧୭୩ ଟି ଘଟଣା ଘଟିଥିବା ବେଳେ ୨୦୨୩-୨୪ ଶିକ୍ଷାବର୍ଷରେ ଏହା ୩୭୮କୁ ବୃଦ୍ଧି ପାଇଛି । ମୋଟ ୭୦୪ ଟି ବିଶ୍ୱବିଦ୍ୟାଳୟ ଓ ୧୫୫୩ ମହାବିଦ୍ୟାଳୟରେ ୧୧୬୦ ଟି ଅଭିଯୋଗ ଆଗତ ହୋଇଛି । ଏଗୁଡ଼ିକ ମଧ୍ୟରେ ରହିଛି ଜାତି ଆଧାରରେ ହଇରାଣ କରିବା, ଜାତିସୂଚକ ମନ୍ତବ୍ୟ ଦେବା, ଜାତିଗତ ଅଶାଳୀନ ଶବ୍ଦ ପ୍ରୟୋଗ କରିବା, ଜାତି ଯୋଗୁଁ ପୃଥକୀକରଣ, ଶାରିରୀକ ନିର୍ଯାତନା ଇତ୍ୟାଦି । ଏ ସମସ୍ତ କାର୍ଯ୍ୟରେ ଛାତ୍ର, ଶିକ୍ଷକ ଓ ଅନୁଷ୍ଠାନର ପଦାଧିକାରୀଗଣ ସମ୍ପୃକ୍ତ ଥିବାର ଅଭିଯୋଗ ରହିଛି । ସବୁଠାରୁ ବଡ ଅଭିଯୋଗ ହେଉଛି ପରୀକ୍ଷା ମୂଲ୍ୟାୟନ ଓ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଜାତିଗତ ଭେଦଭାବ ରହିଛି । ପରୀକ୍ଷାରେ ଅନଗ୍ରସର ଜାତିର ଛାତ୍ରଛାତ୍ରୀଙ୍କୁ ଜାଣିଶୁଣି କମ ନମ୍ବର ଦେବା ଓ ବିଶ୍ୱବିଦ୍ୟାଳୟ ସ୍ତରୀୟ ନିଯୁକ୍ତିରେ ଏମାନଙ୍କୁ ବିଭିନ୍ନ ଆଳରେ କାଟିବା ଏହାର ଅନ୍ତର୍ଗତ ଅଟେ । ପରୀକ୍ଷା କ୍ଷେତ୍ରରେ ଜାତିଗତ ଅନୁଗ୍ରହ ଯୋଗୁଁ ଅଧିକ ନମ୍ବର ଦେବା ଓ ଜାତିଗତ ବିଦ୍‌ବେଷ ଯୋଗୁଁ କମ୍ ନମ୍ବର ଦେବା ମଧ୍ୟ ଅଭିଯୋଗର ଅନ୍ତର୍ଗତ ଅଟେ ।

ନିଯୁକ୍ତିରେ ଜାତିଗତ ବାଛବିଚାରର ମୁଖ୍ୟଅସ୍ତ୍ର ସାଜିଛି 'ନଟ ଫାଉଣ୍ଡ ସୁଇଟେବୁଲ'(ଏନଏଫଏସ), ଅର୍ଥାତ ଯୋଗ୍ୟ ପ୍ରାର୍ଥୀଙ୍କ ଅଭାବ । ଫଳରେ ଅନଗ୍ରସର ବର୍ଗ ଅନ୍ତର୍ଗତ ଅନୁସୂଚୀତ ଜାତି ଓ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗମାନେ ଖୁବକମ୍ ସ୍ଥାନରେ ସହଯୋଗୀ ପ୍ରଫେସର ଓ ପ୍ରଫେସର ପଦରେ ଅଛନ୍ତି । ୪୫ ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୩୮ ଟିରେ ଅଗ୍ରସର ଜାତିର ଲୋକମାନେ ଭିସି ଅଛନ୍ତି, ଅବଶିଷ୍ଟ ୭ ଟିରେ ଅନଗ୍ରସର ବର୍ଗର(୧ ଟିରେ ଦଳିତ, ୧ ଟିରେ ଆଦିବାସୀ ଓ ୫ ଟିରେ ଅନ୍ୟାନ୍ୟ ପଛୁଆବର୍ଗର ଲୋକ ରହିଛନ୍ତି) । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନଙ୍କରେ ପ୍ରଫେସର ପଦରେ ୬.୯% ଦଳିତ, ୧.୫% ଆଦିବାସୀ ଓ ୪.୧% ଓବିସି ଅଛନ୍ତି । ସହଯୋଗୀ ପ୍ରଫେସର ପଦରେ ମଧ୍ୟ ସମାନ ଅବସ୍ଥା । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବାଦେ ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟର ଚିତ୍ର ପାଖାପାଖି ସମାନ । ଉଚ୍ଚଶିକ୍ଷା ନିଯୁକ୍ତି କ୍ଷେତ୍ରରେ ଜାତିଗତ ପାତରଅନ୍ତର କରା ଯାଉଥିବାର ଅଭିଯୋଗ ହୋଇଆସିଛି । ଏହାର ମୁଖ୍ୟ ଅସ୍ତ୍ର ବନିଛି ଯୋଗ୍ୟ ପ୍ରାର୍ଥୀର ଅଭାବ(ଏନଏଫଏସ) ଜନିତ ରିପୋର୍ଟ । ୟୁଜିସି ତଥ୍ୟ ଅନୁଯାୟୀ ପ୍ରୋଫେସର ପଦରେ ସଂରକ୍ଷିତ ବର୍ଗର ଅନୁମୋଦିତ ପଦରୁ ୮୦% ଓବିସିଙ୍କ, ୮୩% ଏସଟିଙ୍କ ଓ ୬୪% ଏସସିଙ୍କ ଫାଙ୍କା ରହିଛି ।




ଅନ୍ୟାନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନରେ ସମାନ ଅବସ୍ଥା ।

୨୦୧୮ ରୁ ୨୦୨୩ ମସିହା ମଧ୍ୟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନଙ୍କରେ ୨୫ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି । ଅନ୍ୟାନ୍ୟ କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଗୁଡିକ ମିଶି ମୋଟ ୯୮ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି । ଏମାନଙ୍କ ମଧ୍ୟରୁ ସଂଖ୍ୟାଧିକ ଏସଟି, ଏସସି ଓ ଓବିସି ବର୍ଗର । ପରିବାର ତରଫରୁ ଅଭିଯୋଗ ଯେ ଶିକ୍ଷାନୁଷ୍ଠାନରେ ହେଉଥିବା ଭେଦଭାବ ଓ ଏଥିପାଇଁ ପାଇଥିବା ମାନସିକ ଯନ୍ତ୍ରଣା ଯୋଗୁଁ ତାଙ୍କ ପିଲା ଆତ୍ମହତ୍ୟା କରିଛି । ତେବେ ଶିକ୍ଷାନୁଷ୍ଠାନ ତରଫରୁ ଏହାକୁ ଶିକ୍ଷାର ଚାପ ଓ ବ୍ୟକ୍ତିଗତ କାରଣ ବୋଲି ଦର୍ଶାଯାଇଛି । ଜାତିଗତ ଭେଦଭାବ ଯୋଗୁଁ ୨୦୧୬ ମସିହାରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପିଏଚଡି ଛାତ୍ର ରୋହିତ ଭେମୁଲାଙ୍କ ଆତ୍ମହତ୍ୟା, ୨୦୧୯ ମସିହାରେ ବମ୍ବେର ଡାକ୍ତରୀ ଛାତ୍ରୀ ପାୟଲ ତନଭିଙ୍କ ଆତ୍ମହତ୍ୟା, ୨୦୨୩ ମସିହାରେ ଆଇଆଇଟି ବମ୍ବେର ଛାତ୍ର ଦର୍ଶନ ସୋଲାଙ୍କିଙ୍କ ଆତ୍ମହତ୍ୟା ପରି ଆଉ କେତେକ ଘଟଣା ଦେଶରେ ଚର୍ଚ୍ଚା ପରିସରକୁ ଆସିଥିଲା । ଏଥିରୁ ପ୍ରମାଣିତ ହୋଇଥିଲା ଯେ ୨୦୧୨ ମସିହାରେ ପାରିତ ହୋଇଥିବା ୟୁଜିସି ନିୟମ ଅନୁସୂଚୀତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ଜାତିଗତ ଭେଦଭାବରୁ ସୁରକ୍ଷା ଦେବାପାଇଁ ଯଥେଷ୍ଟ ନୂହେଁ । ଏମାନଙ୍କ ବାଦେ ଓବିସି ଓ ମହିଳାମାନେ ମଧ୍ୟ ଭେଦଭାବର ଶୀକାର ହେଉଥିବା ଘଟଣା ନଜରକୁ ଆସିଥିଲା ।

ତେଣୁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏ ସମ୍ବନ୍ଧୀୟ କେଶର ଶୁଣାଣି କରି ମାର୍ଚ୍ଚ ୨୫, ୨୦୨୫ ରେ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏକ କାର୍ଯ୍ୟକ୍ଷମ ଓ ପାରଦର୍ଶୀ ନିୟମ ପ୍ରଣୟନ କରିବା ପାଇଁ । ଏହାକୁ କେନ୍ଦ୍ର ସରକାର ଗୁରୁତ୍ୱର ସହିତ ନେଇ ନୂତନ ୟୁଜିସି ନିୟମ ବିଗତ ଜାନୁଆରୀ ୧୩ ତାରିଖ ଦିନ ପାରିତ କରିଥିଲେ । ଏହି ନିୟମର ପରିସରକୁ ଅନୁସୂଚୀତ ଜାତି ଓ ଜନଜାତି ସହିତ ଓବିସି, ମହିଳା, ଦିବ୍ୟାଙ୍ଗ ଓ ଅର୍ଥନୈତିକ ଭାବେ ଦୁର୍ବଳ ଶ୍ରେଣୀକୁ ମଧ୍ୟ ଅଣା ଯାଇଛି । ନୂତନଭାବେ ଅନ୍ତର୍ଭୁକ୍ତ ଗୋଷ୍ଠୀମାନେ ମଧ୍ୟ ଭେଦଭାବର ଶୀକାର ହେଉଥିବା କଥା ସରକାର ଅନୁଭବ କରିଛନ୍ତି । ୨୦୨୬ ନିୟମ ଅନୁଯାୟୀ ପ୍ରତ୍ୟେକ ଅନୁଷ୍ଠାନ ଇଓସି(ସମାନ ସୁଯୋଗ କେନ୍ଦ୍ର) ଖୋଲିବେ ଓ ତଦାରଖ ପାଇଁ କମିଟି ଗଠନ କରିବେ ଭେଦଭାବକୁ ପ୍ରତିହତ କରିବା ପାଇଁ । ଯେଉଁ କମିଟିରେ ଉଲ୍ଲେଖିତ ସମସ୍ତ ବର୍ଗର ପ୍ରତିନିଧି ରହିବେ । ସର୍ବଦା ଅନଲାଇନ ସହଯୋଗ ପ୍ରକୋଷ୍ଠ ଖୋଲା ରହିବ । ୨୪ ଘଣ୍ଟା ମଧ୍ୟରେ ଅଭିଯୋଗ ଚୁଡାନ୍ତ ହେବ । ୧୫ ଦିନ ମଧ୍ୟରେ ଇନଭେଷ୍ଟିଗେସନ ସମାପ୍ତ ହେବ । କୌଣସି ବ୍ୟତିକ୍ରମ ପାଇଁ ଅନୁଷ୍ଠାନର ମୁଖ୍ୟ ଉତ୍ତରଦାୟୀ ରହିବେ । ପଦଚ୍ୟୁତ ହେବାର ଓ ଅନୁଷ୍ଠାନ ୟୁଜିସି ମାନ୍ୟତା ହରାଇବାର ସମ୍ଭାବନା ରହିବ ।

ଅଗ୍ରସର ବର୍ଗର ଛାତ୍ରଛାତ୍ରୀମାନଙ୍କ ଉପରେ ଏହି ନିୟମ ଉଦ୍ଧ ?ଶ୍ୟମୂଳକ ଭାବେ ପ୍ରୟୋଗ ହେବ ବୋଲି ଆଶଙ୍କା କରି ଏହି ନିୟମର ପ୍ରତ୍ୟାହାର ପାଇଁ ଆନ୍ଦୋଳନ ଆରମ୍ଭ ହେଲା । ବିଭିନ୍ନ ସ୍ଥାନରେ ପ୍ରଦର୍ଶନ ହେଲା । ଏହାକୁ ତଥାକଥିତ ଉଚ୍ଚଜାତିଙ୍କ ବିରୁଦ୍ଧରେ ଷଡଯନ୍ତ୍ର ବୋଲି ମିଥ୍ୟା ପ୍ରଚାର କରାଗଲା । କେନ୍ଦ୍ର ଉଚ୍ଚ ଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଏହା ଉପରେ ସ୍ୱଷ୍ଟିକରଣ ଦେଇ କହିଛନ୍ତି ଯେ ନିୟମର ଦୁରୁପୋଯଗ ହେବାକୁ ଦିଆଯିବ ନାହିଁ । ମିଥ୍ୟା ଅଭିଯୋଗ ଉପରେ ମଧ୍ୟ କୋଠର ପଦକ୍ଷେପ ବ୍ୟବସ୍ଥା ନିୟମରେ ରହିଛି । ଏହାପରେ ମଧ୍ୟ ବିରୋଧ ଆନ୍ଦୋଳନ ଥମିଲା ନାହିଁ । ଆନ୍ଦୋଳନ ଚାପରେ ଉଚ୍ଚତମ ନ୍ୟାୟାଳୟ ଏହା ଉପରେ ସଂଜ୍ଞାନ ନେଇ ଏହାର କାର୍ଯ୍ୟକାରୀତା ଉପରେ ଜାନୁୟାରୀ ୨୯ ତାରିଖ ଦିନ ରୋକ୍ ଲଗାଇଛନ୍ତି ଓ ୨୦୧୨ ମସିହାର ନିୟମ ବଳବୋତ୍ତର ରହିବ ବୋଲି କହିଛନ୍ତି । ଏହାପରେ ଦେଶରେ ଏହି ନୂତନ ନିୟମର କାର୍ଯ୍ୟକାରିତା ସପକ୍ଷରେ ଆନ୍ଦୋଳନ ଆରମ୍ଭ ହୋଇଯାଇଛି । ଅନଗ୍ରସର ବର୍ଗ ନିୟମର ରୋକକୁ ଓ ଏହି ନିୟମର ବିରୋଧକୁ ନେଇ ଉତକ୍ଷିପ୍ତ । ଏମାନଙ୍କ ଅଭିଯୋଗ ଯେ ଯେଉଁମାନେ ଭାବୁଛନ୍ତି ଅନଗ୍ରସର ବର୍ଗ ଓ ମହିଳାଙ୍କ ଉପରେ ଅତ୍ୟାଚାର କରିବା ତାଙ୍କ ସାମାଜିକ ଅଧିକାର, ଯେଉଁମାନେ ନିଜକୁ ଶ୍ରେଷ୍ଠ ଓ ଅନ୍ୟକୁ ନିକୃଷ୍ଟ ବୋଲି ଭାବନ୍ତି, ଯେଉଁମାନେ ସମାନତାରେ ବିଶ୍ୱାସ କରନ୍ତି ନାହିଁ, ସେମାନେ ନୂତନ ନିୟମକୁ ବିରୋଧ କରୁଛନ୍ତି । ଏ ପ୍ରକାର ବିରୋଧ ଯୁକ୍ତିସଙ୍ଗତ ନୂହେଁ । ସୁସ୍ଥ ଶୈକ୍ଷିକ ବାତାବରଣ ପାଇଁ ଏହା ଆବଶ୍ୟକ ।

ସାମ୍ପ୍ରତିକ ଅବସ୍ଥାରେ ଏହି ନିୟମକୁ ବିରୋଧ ଓ ଏହାକୁ ସମର୍ଥନ କରିବାକୁ ନେଇ ସମାଜ ଦୁଇଟି ଜାତିଗତ ଶିବିରରେ ପରିଣତ ହୋଇଛି । ଏହା କ୍ରମେ ଜାତିଗତ ବିବାଦ ଆଡକୁ ଗତିକରୁଛି, ଯାହା ଆଦୌ ସମୀଚୀନ ନୁହେଁ । ସମସ୍ତ ବିବାଦର ଊର୍ଦ୍ଧ୍ୱରେ ସମସ୍ତ ଦେଶବାସୀଙ୍କୁ ବିଚାର କରିବାକୁ ପଡିବ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ କିପରି ଏକ କୋଠର ଓ ପାରଦର୍ଶୀ ନିୟମ କର୍ଯ୍ୟକାରୀ ହୋଇପାରିବ । ଯେଉଁମାନେ ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତିଗତ, ଲିଙ୍ଗଗତ, ଅଞ୍ଚଳଗତ ଓ ଧର୍ମଗତ ଭେଦଭାବକୁ ନିଜ ସାମାଜିକ ଅଧିକାର ବୋଲି ଭାବୁଛନ୍ତି ତାଙ୍କ ଉପରେ କୋଠର କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ । ଉଚ୍ଚ ଶିକ୍ଷାନୁଷ୍ଠାନରେ ଯଦି ସମାନତା ଓ ଆଦର୍ଶଗତ ବାତାବରଣ ରହିବ ନାହିଁ ତାହାହେଲେ ଆଉ କେଉଁଠାରୁ ଆଶା କରାଯିବ । ଭେଦଭାବ ସୃଷ୍ଟିକାରୀ କୌଣସି ଦୋଷୀ ଖସିନଯାନ୍ତୁ ଓ କୌଣସି ନିର୍ଦ୍ଦୋଷୀ ଦଣ୍ଡ ନପାଆନ୍ତୁ, ଏହାହିଁ ନୂତନ ୟୁଜିସି ନିୟମର ଆଭିମୁଖ୍ୟ ହେଉ । ଜାତିଗତ ଭାବନାର ଉର୍ଦ୍ଧ୍ୱରେ ସମସ୍ତ ପ୍ରକାର ଭେଦଭାବକୁ ପ୍ରତିହତ କରିବା ପାଇଁ ଏପରି ଏକ କୋଠର ନିୟମ ଯେ ଅତ୍ୟାବଶ୍ୟକ ଏହା ସମସ୍ତେ ଉପଲବ୍ଧି କରିବା ଉଚିତ୍ । ଏହାହିଁ ସମସ୍ତ ବିବାଦ ସମାଧାନର ସୂତ୍ର ହେବ ।

ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦



# ଦୁବାଇରେ ଇରାନୀ ଡ୍ରୋନ୍ ଆକ୍ରମଣ

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** ପର୍ଯ୍ୟଟନ ଏବଂ ବ୍ୟବସାୟ ପାଇଁ ବିଶ୍ୱର ସବୁଠାରୁ ସୁରକ୍ଷିତ ସ୍ଥାନ ଭାବରେ ବିବେଚିତ ଥିବା ଦୁବାଇର ଆକାଶଛୁଆଁ କୋଠା ଉପରେ ଯୁଦ୍ଧର କଳାବାଦଲ ଦେଖାଦେଇଛି । ଇରାନ ଓ ଆମେରିକା-ଇସ୍ରାଏଲ ମଧ୍ୟରେ ଭୟଙ୍କର ସଂଘର୍ଷର ନିଆଁ ଏବେ ଏହି ସୁନ୍ଦର ମରୁଭୂମି ସହରରେ ପହଞ୍ଚିଛି । ଫଳରେ ସବୁଠି ଆତଙ୍କର ପରିବେଶ ସୃଷ୍ଟି ହୋଇଛି। ସାଟେଲାଇଟ୍ ଚିତ୍ରଗୁଡ଼ିକ ଏହି ଭୟଙ୍କର ଦୃଶ୍ୟକୁ ନିଶ୍ଚିତ କରିଛି । ବିଳାସପୂର୍ଣ୍ଣ ଅଞ୍ଚଳରୁ କଳା ଧୂଆଁ ସ୍ପଷ୍ଟ ଭାବରେ ଉଠୁଥିବା ଦେଖାଯାଉଛି। ସାମ୍ପ୍ରତିକ ସାଟେଲାଇଟ୍ ଚିତ୍ରଗୁଡ଼ିକ ବିଶ୍ୱକୁ ଆଶ୍ଚର୍ଯ୍ୟ କରିଛି କାରଣ ଏଥିରେ ଦୁବାଇର ପ୍ରତୀକାତ୍ମକ ଜେବେଲ୍ ଅଲି ବନ୍ଦର ଏବଂ ପାମ୍ ଜୁମେରାହରେ ନିଆଁ ଜଳୁଛି। ଇରାନ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ ସହରର ଭିତ୍ତିଭୂମିକୁ ବହୁ କ୍ଷତି ପହଞ୍ଚାଇଛି । ଆକ୍ରମଣରେ ଅତି କମରେ ତିନି ଜଣ ନିର୍ଦ୍ଦୋଷ ଲୋକଙ୍କ ମୃତ୍ୟୁ ହୋଇଥିବା ଅଧିକାରୀମାନେ ନିଶ୍ଚିତ କରିଛନ୍ତି । ଆହତଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଦଶନ୍ଧି ଧରି ଶାନ୍ତିର ଦ୍ୱୀପ ଭାବରେ ବିବେଚିତ ଦୁବାଇରେ ଏପରି ହିଂସା ସ୍ଥାନୀୟ ଲୋକ ଏବଂ ସେଠାରେ ରହୁଥିବା ପ୍ରବାସୀମାନଙ୍କ ମଧ୍ୟରେ ଅସୁରକ୍ଷାର ଭାବନା ସୃଷ୍ଟି କରିଛି । ଆକ୍ରମଣ ସିଧାସଳଖ ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦରକୁ ପ୍ରଭାବିତ କରିଛି । ସୁରକ୍ଷା ଦୃଷ୍ଟିରୁ ଅନେକ ଗୁରୁତ୍ୱପୂର୍ଣ୍ଣ ବିମାନ ଉଡ଼ାଣକୁ ପୁନଃନିର୍ଦ୍ଧାରିତ କିମ୍ବା ବାତିଲ କରାଯାଇଛି । ପାମ୍ ଜୁମେରାହ ଭଳି ବିଳାସପୂର୍ଣ୍ଣ ହୋଟେଲ ଅଞ୍ଚଳ ନିକଟରେ କଳା ଧୂଆଁର କୁଣ୍ଡଳି ଦେଖାଯାଇଛି, ଯାହା ପର୍ଯ୍ୟଟନ ଶିଳ୍ପ ପାଇଁ ଏକ ବଡ଼ ବିପର୍ଯ୍ୟୟର ଆଶଙ୍କା ସୃଷ୍ଟି କରିଛି । ଅଧିକାରୀମାନେ କହିଛନ୍ତି ଯେ ସୁରକ୍ଷା ବ୍ୟବସ୍ଥା ଅନେକ ବିପଦକୁ ପଣ୍ଡ କରିଛି । କିନ୍ତୁ ଭଗ୍ନାବଶେଷ ଜମା ହୋଇ ରହିବା ଯୋଗୁ ସହରରେ ଚଳାଚଳ ଅସ୍ଥାୟୀ ଭାବରେ ବନ୍ଦ ହୋଇଯାଇଛି । ଆମେରିକା ଏବଂ ଇସ୍ରାଏଲ ଆକ୍ରମଣ ବିରୋଧରେ ଇରାନର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଦର୍ଶାଉଛି ଯେ, ଏହି ଯୁଦ୍ଧରୁ କୌଣସି ନିରାପଦ ସ୍ଥାନ ଏବେ ମୁକ୍ତ ନୁହେଁ । ବିଶେଷଜ୍ଞମାନଙ୍କ ଅନୁସାରେ ଯଦି ଉତ୍ତେଜନା ଜାରି ରହେ, ତେବେ ଉପସାଗରୀୟ ଦେଶଗୁଡ଼ିକର ଅର୍ଥନୀତି କ୍ରମଶଃ ଦୁର୍ବଳ ହୋଇଯିବ ।

# କୁଏତ ପରିବର୍ତ୍ତେ ପାକିସ୍ତାନରେ ପହଞ୍ଚିଲେ ଭାରତୀୟ

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** ଇସ୍ରାଏଲ ଓ ଆମେରିକା ଦ୍ୱାରା ଇରାନ ଉପରେ କରାଯାଇଥିବା କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ ଯୋଗୁ ପରିସ୍ଥିତି ଖରାପ ହେବାରେ ଲାଗିଛି । ଆକ୍ରମଣରେ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କୁ ହରାଇବା ପରେ, ଇରାନ କଡ଼ା ପ୍ରତିଶୋଧ ନେବାକୁ ରକ୍ତମୁଖା ହୋଇ ସଂଯୁକ୍ତ ଆରବ ଏମିରେଟ୍ସ, ବାହାରିନ ଏବଂ କୁଏତ ସମେତ ଆଠଟି ଦେଶ ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବର୍ଷା କରିଛି । ଇସ୍ରାଏଲ, ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଯୁଦ୍ଧ ସମଗ୍ର ମଧ୍ୟପ୍ରାଚ୍ୟକୁ ପ୍ରଭାବିତ କରିଛି । ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଯୋଗୁ ଅନେକ ଦେଶ ଏୟାରସ୍ପେସ ବନ୍ଦ କରିଦେଇଛନ୍ତି, ଯାହା ଫଳରେ ଶହ ଶହ ଉଡ଼ାଣ ବାତିଲ କରାଯାଇଛି । ପ୍ରଭାବିତ ଅଞ୍ଚଳକୁ ଯାତ୍ରା କରୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ଏକ ଘଟଣାରେ, ଅ।ଠ ଜଣ ଭାରତୀୟ କୁଏତ ଯିବାର ଥିଲା କିନ୍ତୁ ସେମାନେ ପାକିସ୍ତାନରେ ପହଞ୍ଚିଛନ୍ତି। ଉଡ଼ାଣ ପରିବର୍ତ୍ତନ ଯୋଗୁ ଏହା ଘଟିଥିବା କୁହାଯାଉଛି । ପ୍ରବାସୀ କେରଳବାସୀଙ୍କ ମାମଲା ପରିଚାଳନା କରୁଥିବା ରାଜ୍ୟ ସରକାରୀ ସଂସ୍ଥା ନୋର୍କା ରୁଟ୍ସ ଅନୁଯାୟୀ, ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଯୋଗୁ ଏକ ବିମାନକୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯିବା ପରେ କେରଳର ତିନି ଜଣ ସମେତ ଅ।ଠ ଜଣ ଭାରତୀୟ ନାଗରିକ ପାକିସ୍ତାନର କରାଚୀ



ବିମାନବନ୍ଦରରେ ଫସି ରହିଛନ୍ତି। ଅଧିକାରୀଙ୍କ ଅନୁଯାୟୀ, ଫସି ରହିଥିବା କେରଳବାସୀଙ୍କ ମଧ୍ୟରେ ପାଲକ୍କଡର ବାସିନ୍ଦା କୃଷ୍ଣଦାସ, ତାଙ୍କ ପତ୍ନୀ ଡାକ୍ତର ରେଶମୀ ମେନନ ଏବଂ ସେମାନଙ୍କର ତିନି ବର୍ଷର ଝିଅ ସ୍ମୃତି ମେନନ ଅଛନ୍ତି । ନୋର୍କା ରୁଟ୍ସ ଅଧିକାରୀମାନେ କହିଛନ୍ତି ଯେ, ପରିବାର ସଦସ୍ୟ ଏୟାର ଆରବିୟା ବିମାନରେ ଆଜରବାଇଜାନର ବାକୁରୁ ଶାରଜା ଦେଇ କୁଏତ ଯାତ୍ରା କରୁଥିଲେ । ଅନ୍ୟ ଫସି ରହିଥିବା ଭାରତୀୟମାନେ ମଧ୍ୟ ସେହି ବିମାନରେ ଥିଲେ । ସେମାନେ କହିଛନ୍ତି ଯେ, ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ଯୋଗୁ ଆକାଶ ମାର୍ଗ ବନ୍ଦ ହେବା ପରେ ବିମାନକୁ କରାଚୀ ଅଭିମୁଖେ ପଠାଯାଇଥିଲା। ନୋର୍କା ରୁଟ୍ସ କହିଛି ଆମେ ବୈଦେଶିକ ମନ୍ତ୍ରଣାଳୟ ସହିତ ଯୋଗାଯୋଗରେ ଅଛୁ ଏବଂ ସେମାନଙ୍କୁ ଭାରତ ଅ।ଣିବା ପାଇଁ ପ୍ରୟାସ କରାଯାଉଛି । ଅଧିକାରୀମାନେ କହିଛନ୍ତି, ବୈଦେଶିକ ମନ୍ତ୍ରଣାଳୟ ସେମାନଙ୍କୁ କଲମ୍ବୋ ଦେଇ ଭାରତ ଆଣିବାକୁ ବିଚାର କରୁଛି । ଏହି ସଂସ୍ଥା ଉପସାଗରୀୟ ଅଞ୍ଚଳରେ ଚାଲିଥିବା ସଂଘର୍ଷ ଦ୍ୱାରା ପ୍ରଭାବିତ ଭାରତୀୟ ନାଗରିକ ଓ ସେମାନଙ୍କ ପରିବାରକୁ ସହାୟତା କରିବା ପାଇଁ ଏକ ସହାୟତା ଡେସ୍କ ମଧ୍ୟ ସ୍ଥାପନ କରିଛି ।

# ସମ୍ପର୍କ ନିବିଡ଼ କରିବା ଲକ୍ଷ୍ୟରେ ଭାରତ-କାନାଡା

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** କାନାଡା ଓ ଭାରତ ମଧ୍ୟରେ ସମ୍ପର୍କ ଉ ।ନ-ପତନ ଦେଇ ଗତି କରୁଥିବା ସମ୍ପର୍କକୁ ଦୁଇଦେଶ ପକ୍ଷରୁ ଉନ୍ନତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ, କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଭାରତ ଗସ୍ତରେ ଅଛନ୍ତି । ସୋମବାର ସେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ଏହି ସାକ୍ଷାତ ଦିଲ୍ଲୀର ହାଇଦ୍ରାବାଦ ହାଉସରେ ହୋଇଥିଲା । ସେଠାରେ ଉଭୟ ନେତା ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବା ଉପରେ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ଏବଂ ପ୍ରଧାନମନ୍ତ୍ରୀ କାର୍ନି ବାଣିଜ୍ୟ, ଶକ୍ତି ଏବଂ ନୂତନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା



ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ଗଭୀର କରିବା ପାଇଁ ଏକ ବିସ୍ତୃତ କାର୍ଯ୍ୟ ଯୋଜନା ଉପରେ ମଧ୍ୟ ଆଲୋଚନା ହୋଇଛି । ବୈଠକ ପରେ, ଦୁଇ ଦେଶ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇ ଏକ ପ୍ରେସ୍ ବିବୃତି ପ୍ରକାଶ କରାଯାଇଛି। ଏହା ପରେ ଭାରତ ମଣ୍ଡପମରେ ଭାରତ-କାନାଡା ସିଇଓ ଫୋରମ୍ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଉଭୟ ଦେଶର ପ୍ରଧାନମନ୍ତ୍ରୀ ଯୋଗ ଦେଇଛନ୍ତି । ଏହି ଫୋରମ୍ ବାଣିଜ୍ୟ, ନିବେଶ ଏବଂ ଆର୍ଥିକ ସମ୍ପର୍କକୁ ଆହୁରି ନିବିଡ଼ କରିବା ପାଇଁ ଲକ୍ଷ୍ୟ ରଖିଛି। ପ୍ରଧାନମନ୍ତ୍ରୀ କାର୍ନି ତାଙ୍କ ଗସ୍ତ ସମୟରେ କୃଷି, ଶିକ୍ଷା, ଶକ୍ତି, ଗବେଷଣା ଏବଂ ନବସୃଜନ ସମେତ ବିଭିନ୍ନ କ୍ଷେତ୍ରରେ ଚାଲିଥିବା ସହଯୋଗର ସମୀକ୍ଷା କରିଛନ୍ତି। ସେ ଦୁଇ ଦେଶ ମଧ୍ୟରେ ଆଞ୍ଚଳିକ ଏବଂ ବିଶ୍ୱ ବିକାଶ ଉପରେ ମଧ୍ୟ ଆଲୋଚନା କରିଛନ୍ତି।

# ଇରାନର ଡ୍ରୋନ ଆକ୍ରମଣ,ସାଉଦୀର ତୈଳ କମ୍ପାନୀ ବନ୍ଦ

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** ବିଶ୍ୱର ସବୁଠୁ ବଡ଼ ତୈଳ କମ୍ପାନୀ ଭାବେ ଜଣାଶୁଣା ସାଉଦୀ ଆରବର ସରକାରୀ ତୈଳ କମ୍ପାନୀ ସାଉଦୀ ଅରାମକୋକୁ ଇରାନ କରିଛି ଟାର୍ଗେଟ୍ । ସୂଚନା ମୁତାବିକ , ଇରାନୀ ଡ୍ରୋନ୍ ଆକ୍ରମଣ ପରେ ନିଜର ରାସ ତନୁରା ରିଫାଇନରୀକୁ ସୁରକ୍ଷା ନେଇ ବନ୍ଦ କରି ଦେଇଛି ସାଉଦୀୟ ଉଦ୍ୟୋଗ ସହ ଜଡ଼ିତ ସୂତ୍ରାନୁସାରେ , ସୋମବାର ଏହି ସୂଚନା ଦିଆ ଯାଇଛି । ଏହି ଆକ୍ରମଣ ଏମିତି ସମୟରେ ହୋଇଛି, ଯେବେ ଆମେରିକା ଓ ଇସ୍ରାଏଲ ଦ୍ୱାରା ଇରାନ ଉପରେ କରାଯାଇ ଥିବା ଆକ୍ରମଣର ଜବାବରେ ତେହରାନ ପୂରା ଅଞ୍ଚଳରେ ଲଗାତାର ଜବାବୀ କାର୍ଯ୍ୟାନୁଷ୍ଠାନ କରୁଛି । ଏହି ସବୁ ହମଲାରେ ଉପସାଗରୀୟ ଦେଶରେ ଅନେକ ଲୋକଙ୍କ ମୃତ୍ୟୁ ମଧ୍ୟ ହୋଇଛି। ସାଉଦୀ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ଅଲ୍ ଅରବିୟା ଟିଭିକୁ କହିଛନ୍ତି ଯେ, ଏହି ଅଞ୍ଚଳରେ ଦୁଇଟି ଡ୍ରୋନକୁ ଇଣ୍ଟରସେପ୍ଟ କରାଯାଇଛି। ଡ୍ରୋନର ଭଗ୍ନାବଶେଷରୁ ସୀମିତ ସ୍ତରର ନିଆଁ ମଧ୍ୟ ଲାଗି ଥିଲା , ଯାହାକୁ ତୁରନ୍ତ କାବୁ କରି ନିଆ ଯାଇଛି। ଏହି ଘଟଣାରେ କୌଣସି ଆହତ ହେବାର ସୂଚନା ଆସି ନାହିଁ । କହି ରଖୁଛୁ କି , ରାସ୍ ତନୁରା କମ୍ପ୍ଲେକ୍ସ ସାଉଦୀ ଆରବର ଉପସାଗରୀୟ କୂଳରେ ରହିଛି ଏବଂ ଏହା ମିଡ଼ିଲ ଇଷ୍ଟର ସବୁଠୁ ବଡ଼ ରିଫାଇନାରି ଗୁଡ଼ିକ ମଧ୍ୟରୁ ଗୋଟିଏ, ଯାହାର କ୍ଷମତା ପାଖାପାଖି ୫.୫ ଲକ୍ଷ ବ୍ୟାରେଲ୍ ପ୍ରତିଦିନ । ଏହା ସାଉଦୀ ଅଶୋଧିତ ତୈଳର ରପ୍ତାନୀର ଏକ ପ୍ରମୁଖ ଟର୍ମିନାଲ ମଧ୍ୟ । ସୂତ୍ରାନୁସାରେ , ରିଫାଇନରୀକୁ ସାବଧାନତା ଭାବେ ବନ୍ଦ କରିଦିଆ ଯାଇଛି ଏବଂ ସ୍ଥିତି ନିୟନ୍ତ୍ରଣରେ ରହିଛି। ରିଫାଇନରୀ ବନ୍ଦ ହେବା ଦ୍ୱାରା ବିଶ୍ୱ ସ୍ତରୀୟ ତୈଳ ପରିବହନକୁ ନେଇ ଚିନ୍ତା



ବଢ଼ି ଯାଇଛି । ଏହା ପୂର୍ବରୁ ହୋର୍ମୁଜ ଜଳ ପ୍ରଣାଳୀଦେଇ ଯାଉ ଥିବା ସାମୁଦ୍ରୀକ ବ୍ୟାଣିଜ ମଧ୍ୟ ପ୍ରାୟ ଠପ୍ ହୋଇ ଯାଇଛି ।

## ଇରାନ ହଜାଇଲା ଆମେରିକା-ଇସ୍ରାଏଲ ଆଖିର ନିଦ

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ମଧ୍ୟରେ, ଇରାନ ନିଜର ସାମରିକ ଶକ୍ତିର ଏପରି ଏକ ଟ୍ରେଲର୍ ଦେଖାଇଛି ଯାହା ସାରା ବିଶ୍ୱର ପ୍ରତିରକ୍ଷା ବିଶେଷଜ୍ଞଙ୍କ ନିଦ ହଜାଇ ଦେଇଛି । ଇରାନ ସରକାରୀ ସଂସ୍ଥା ଦ୍ୱାରା ଜାରି କରାଯାଇଥିବା ଏହି ପ୍ରଚାର ଭିଡିଓରେ, ଭୂମିର ଶହ ଶହ ଫୁଟ ତଳେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଦୃଶ୍ୟମାନ ହେଉଛି । ପାହାଡ଼ କାଟି ତିଆ।ରି ଏହି ମାଇଲ ଲମ୍ବା ସୁଡ଼ଙ୍ଗରେ ନିୟୋଜିତ ମାରାତ୍ମକ ଡ୍ରୋନ୍, ଯେକୌଣସି ମୁହୂର୍ତ୍ତରେ ଉଡ଼ାଣ ଏବଂ ବିନାଶ କରିବାକୁ ପ୍ରସ୍ତୁତ ହୋଇ ରହିଥିବା ଦେଖାଯାଉଛି । ଏହି ଭିଡିଓ ବାର୍ତ୍ତା ମାଧ୍ୟମରେ ଇରାନ ସ୍ପଷ୍ଟ ଭାବରେ କହିବାକୁ ଚାହୁଁଛି ଯେ, ପ୍ରବଳ ଆକ୍ରମଣ ସତ୍ତ୍ୱେ, ଇରାନର ସାମରିକ ସଂକଳ୍ପ ଓ ପ୍ରତିଶୋଧ କ୍ଷମତା ଟିକେ ବି ହ୍ରାସ ପାଇନାହିଁ। ଇରାନର ସରକାରୀ ଖବର ସଂସ୍ଥା, ଫାର୍ସ, ଏକ ଭିଡିଓ ସେୟାର କରିଛି ଯାହା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ଏକ ବିଶାଳ ନେଟୱାର୍କର ଝଲକ ପ୍ରଦାନ କରୁଛ । କ୍ଲିପ୍ ରେ ପର୍ବତ ତଳେ ଏକ ମାଇଲ ଲମ୍ବା ସୁଡ଼ଙ୍ଗ ନେଟୱାର୍କ ଦେଖାଯାଇଛି, ଯେଉଁଠାରେ ଶହ ଶହ ଘାତକ ଡ୍ରୋନ୍ ଧାଡ଼ି ଧାଡ଼ି ହୋଇ ରହିଥିବା ଦେଖିବାକୁ ମିଳୁଛି । ଡ୍ରୋନ୍ ଗୁଡିକ ଉନ୍ନତ ରକେଟ୍ ଲଞ୍ଚର୍ ଉପରେ ଲଗାଯାଇଛି, ଯେକୌଣସି ମୁହୂର୍ତ୍ତରେ ଶତ୍ରୁ ଉପରେ ଆକ୍ରମଣ କରିବା ପାଇଁ ନିର୍ଦ୍ଦେଶକୁ ଅପେକ୍ଷା କରିଥିବା ଭଳି ମନେ ହେଉଛି । ମଧ୍ୟପ୍ରାଚ୍ୟରେ ଚାଲିଥିବା ବାରୁଦ ଯୁଦ୍ଧ ଏବେ ଏପରି ଏକ ସ୍ଥାନରେ ପହଞ୍ଚିଛି ଯେଉଁଠାରେ ଫେରିବା ଅତ୍ୟନ୍ତ କଷ୍ଟକର ମନେ ହେଉଛି । କାରଣ ଏବେ ସେଠାରେ ଶକ୍ତିର ସ୍ପଷ୍ଟ ପ୍ରଦର୍ଶନ ହେଉଛି । ଇରାନର ଭୂତଳ ଭିଡିଓ ଏପରି ଏକ ସମୟରେ ଆସିଛି ଯେତେବେଳେ ଏହି ଅଞ୍ଚଳରେ କ୍ଷେପଣାସ୍ତ୍ର ଆକ୍ରମଣ ଓ ଦୂତାବାସ ଘେରାବନ୍ଦୀର ରିପୋର୍ଟ ନିରନ୍ତର ଶିରୋନାମା ପାଲଟିଛି ।

# ୟୁଏସର ତିନୋଟି ଏଫ୍-୧୫ଇ ଜେଟକୁ ତଳକୁ ଖସାଇଲା କୁଏତ

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** ବଡ଼ ଭୁଲ କରିଦେଲା କୁଏତ । ଭୁଲବଶତଃ ଶତ୍ରୁର ଫାଇଟର ବିମାନ ଭାବି ଆମେରିକାର ତିନୋଟି ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ ଫାଇଟର ବିମାନକୁ ତଳକୁ ଖସାଇ ଦେଲା । ୟୁଏସ୍ ସେଣ୍ଟ୍ରାଲ କମାଣ୍ଡ ଅନୁସାରେ , ସମସ୍ତ ୬ଟି ଏୟାରକ୍ରୁ ସଦସ୍ୟ ସୁରକ୍ଷିତ ରୂପେ ଇଜେକ୍ଟ ହୋଇଛନ୍ତି ,ସେମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ସ୍ଥିର ଅଛି । ଏହି ଘଟଣା ଇରାନ ବିରୋଧରେ ଚାଲି ଥିବା ଅପରେସନ ଏପିକ୍ ଫ୍ୟୁରି ବେଳେ ହୋଇଛି, ଯେବେ କୁଏତ ଏୟାର ଡିଫେନ୍ସ ସିଷ୍ଟମ ଏହି ସବୁ ବିମାନକୁ ଶତ୍ରୁ ଭାବି ନେଇଥିଲା । କୁଏତ ଏହି ଘଟଣାକୁ ସ୍ୱୀକାର କରିଛି ଏବଂ ଆମେରିକୀୟ ସେନା କୁଏତର ପ୍ରତିରକ୍ଷା ବାହିନୀର ସହଯୋଗର ପ୍ରଶଂସା କରିଛି। ରିପୋର୍ଟ ମୁତାବିକ , ଏହି ଦୁର୍ଭାଗ୍ୟପୂର୍ଣ୍ଣ ଫ୍ରେଣ୍ଡଲି ଫାୟର ଘଟଣା ୨ ମାର୍ଚ୍ଚ ସକାଳେ ଘଟିଥିଲା , ଯେତେବେଳେ କି ଆମେରିକାର ଏଫ୍-୧୫ଇ ବିମାନ ଇରାନ ଉପରେ ଆକ୍ରମଣରେ ସହାୟତା କରୁଥିଲା । ଏହି ସମୟରେ କ୍ଷେତ୍ରରେ ଇରାନ ବିମାନ , ବାଲିଷ୍ଟିକ୍ ମିସାଇଲ ଓ ଡ୍ରୋନ୍ ଆଟାକ୍ ହେଉଥିଲା,ଏଥିରେ ବାୟୁ କ୍ଷେତ୍ରରେ ଖୁବ୍ ଉତ୍ତେଜିତ ମାହୋଲ ସୃଷ୍ଟି ହୋଇଥିଲା । କୁଏତ ଏୟାର ଡିଫେନ୍ସ ସିଷ୍ଟମ ସେହି ଆମେରିକୀୟ ବିମାନ ଗୁଡ଼ିକୁ ଭୁଲ ଉପାୟରେ ବିପଦ ରୂପେ ଭାବି ନେଇଥିଲା ଏବଂ ସେଗୁଡ଼ିକୁ ମାରି ଖସାଇ ଦେଇଥିଲା । ଉକ୍ତ ଘଟଣା ମଧ୍ୟପୂର୍ବରେ ଚାଲୁ ଥିବା ସଂଘର୍ଷର ଜଟିଳତାକୁ ଦର୍ଶାଉଛି , ଯେଉଁଠି ସହଯୋଗୀ ଦେଶ ମଧ୍ୟରେ ମଧ୍ୟ ଭ୍ରମିତ ଘଟଣା ଘଟିପାରେ। ଅପରେସନ ଏପିକ୍ ଫ୍ୟୁରି ଆମେରିକା ଓ ଇସ୍ରାଏଲର ମିଳିତ କାର୍ଯ୍ୟାନୁଷ୍ଠାନ , ଯେଉଁଥିରେ ଇରାନର ସାମରିକ ଠିକଣା ନୌସେନା ଓ ଆଇଆରଜିସି ମୁଖ୍ୟାଳୟ ଉପରେ ୧ ହଜାରରୁ ଅଧିକ ଆକ୍ରମଣ କରାଯାଇ ସାରିଛି । ଇରାନର ଜବାବି ଆକ୍ରମଣରେ କୁଏତ ସହ ଉପସାଗରୀୟ ଦେଶ ଉପରେ ମିସାଇଲ ଓ ଡ୍ରୋନ୍ ଆକ୍ରମଣ କରିଛନ୍ତି, ଯେଉଁଥିରେ କ୍ଷେତ୍ରୀୟ ଉତ୍ତେଜନା ଶୀର୍ଷ ସ୍ତରରେ । ଏହି ଫ୍ରେଣ୍ଡଲି ଫାୟର ଘଟଣାରେ ଆମେରିକୀୟ ବାୟୁସେନାକୁ କ୍ଷତି ହୋଇଛି, କିନ୍ତୁ କୌଣସି ମୃତାହତ ହୋଇ ନାହାନ୍ତି । ବିଶେଷଜ୍ଞଙ୍କ ଅନୁସାରେ , ଭିଡ଼ ଅଞ୍ଚଳରେ ବାୟୁ କ୍ଷେତ୍ର ଓ ଦ୍ରୁତ ଗତିରେ ବଦଳୁ ଥିବା ସ୍ଥିତି ଏହି ଭୁଲ୍କୁ ସୃଷ୍ଟି କରିଥିଲା । ଉଭୟ ଦେଶ ଏବେ ଯାଞ୍ଚ ଓ ଉତ୍ତମ ସମନ୍ୱୟ ଉପରେ କାମ କରୁଛନ୍ତ,ଯାହାକି ଆଗାମୀ ଦିନରେ ଏମିତି ଘଟଣା ନଘଟୁ ।

# ୧୦୪୮ ପଏଣ୍ଟ୍ ଖସିଲା ସେନ୍ସେକ୍ସ

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** ଇରାନ ଉପରେ ଆମେରିକା-ଇସ୍ରାଏଲର ଆକ୍ରମଣ ପ୍ରଭାବରେ ସୋମବାର ସମଗ୍ର ଏସିଆର ଷ୍ଟକ୍ ବଜାର ଦୋହଲିଯାଇଛି । ଭାରତଠାରୁ ଆରମ୍ଭ କରି ପାକିସ୍ତାନ ପର୍ଯ୍ୟନ୍ତ ଚାରିଆଡ଼େ ଯୁଦ୍ଧର ତାତି ଅନୁଭୂତ ହୋଇଛି । ନିବେଶକମାନେ ସେୟାର ବିକ୍ରି କରିବାରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍ସେକ୍ସ ୧୦୪୮ ପଏଣ୍ଟ୍ ହ୍ରାସ ପାଇ ୮୦,୨୩୯ ପଏଣ୍ଟ୍ରେ ବନ୍ଦ ହୋଇଛି । ସେହିପରି, ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୩୧୩ ପଏଣ୍ଟ୍ ହ୍ରାସ ପାଇ ୨୪,୮୬୬ ପଏଣ୍ଟ୍ରେ ବନ୍ଦ ହୋଇଛ । ଭୂରାଜନେତିକ ଉତ୍ତେଜନା ଓ ଯୁଦ୍ଧ ଭଳି ସ୍ଥିତି ବୁଥିବାରୁ ଦେଶରେ ଦରଦାମ୍ ବେଲଗାମ ହେବା ଆଶଙ୍କା ଦେଖାଦେଇଛି । ଏଥି ସହିତ କର୍ପୋରେଟ୍ ସଂସ୍ଥାଗୁଡ଼ିକର ଲାଭ ମଧ୍ୟ ପ୍ରଭାବିତ ହୋଇପାରେ । ତେଣୁ ଯୁଦ୍ଧ ଦ୍ୱାରା ପ୍ରଭାବିତ ହେବାକୁ ଥିବା କ୍ଷେତ୍ରଗୁଡ଼ିକର ସେୟାରକୁ ନିବେଶକମାନେ ବିକ୍ରି କରୁଛନ୍ତି । କିଛି ନିବେଶକମାନେ ସେୟାର ବିକ୍ରି କରି ସେହି ପାଣ୍ଠିକୁ ସୁନା ଓ ରୁପା ଭଳି ସୁରକ୍ଷିତ ମାଧ୍ୟମରେ ନିବେଶ କରୁଛନ୍ତି। ସେଥିପାଇଁ ଭାରତୀୟ ଷ୍ଟକ୍ ବଜାରରେ ଆଜି କାରବାର ମାନ୍ଦା ରହିଥିଲା । କେବଳ ଭାରତ ନୁହେଁ, ପାକିସ୍ତାନ ଷ୍ଟକ୍ ବଜାରରେ ମଧ୍ୟ ଆଜି କାରବାରରେ ଘୋର ଅସ୍ଥିରତା ଦେଖିବାକୁ ମିଳିଥିଲା । ପାକିସ୍ତାନର କରାଚୀ ଷ୍ଟକ୍ ଏକ୍ସଚେଞ୍ଜ-୩୦ ସୂଚକାଙ୍କ ୯.୭୩ ପ୍ରତିଶତ (ପ୍ରାୟ ୫୦୦୦ ପଏଣ୍ଟ) ହ୍ରାସ ପାଇ ୪୬,୩୨୬ ପଏଣ୍ଟ୍ରେ ବନ୍ଦ ହୋଇଛି । ଜାପାନର ନିକେଇ ୧.୩୫ ପ୍ରତିଶତ ହ୍ରାସ ପାଇ ୫୮,୦୫୭ ପଏଣ୍ଟ୍ରେ ବନ୍ଦ ହୋଇଛି । ହଂକଂର ହ୍ୟାଙ୍ଗ ସେଙ୍ଗ ସୂଚକାଙ୍କ ୨.୧୪ ପ୍ରତିଶତ ହ୍ରାସ ପାଇ ୨୬,୦୫୯ ପଏଣ୍ଟ୍ରେ ବନ୍ଦ ହୋଇଛି । ଚୀନର ସାଂଘାଇ କମ୍ପୋଜିଟ୍ ସୂଚକାଙ୍କ ୦.୪୭ ପ୍ରତିଶତ ହ୍ରାସ ପାଇ ୪,୧୮୨ ପଏଣ୍ଟ୍ରେ ବନ୍ଦ ହୋଇଛି । ଅନ୍ୟ ପକ୍ଷରେ ଆମେରିକାରେ ଡାଓ ଜୋନ୍ସ ୧୭ ପଏଣ୍ଟ୍ ହ୍ରାସ ଘଟି ୪୮,୯୭୭ ପଏଣ୍ଟ୍ରେ ବନ୍ଦ ହୋଇଛି। ପ୍ରଯୁକ୍ତି ଅ।ଧାରିତ ଷ୍ଟକ୍ ସୂଚକାଙ୍କ ନାସ୍‌ଦାକ୍ କମ୍ପୋଜିଟ୍ ୦.୯୨ ପ୍ରତିଶତ ହ୍ରାସ ପାଇ ୨୨,୬୬୮ ପଏଣ୍ଟ୍ରେ ବନ୍ଦ ହୋଇଛି। ଏସ୍‌ଆଣ୍ଡ୍‌ପି ୫୦୦ ସୂଚକାଙ୍କ ୩୦ ପଏଣ୍ଟ୍ ହ୍ରାସ ପାଇ ୬୮୭୮ ପଏଣ୍ଟ୍ରେ ବନ୍ଦ ହୋଇଛି । ଜର୍ମାନୀର ଡିଏଏକ୍ସ ୨.୩ ପ୍ରତିଶତ, ଫ୍ରାନ୍ସର ସିଏସି ୧.୮ ପ୍ରତିଶତ ଓ ଲଣ୍ଡନର ଏଫ୍‌ଟିଏସ୍‌ଇ ୦.୭ ପ୍ରତିଶତ ହ୍ରାସ ପାଇଛି ।

# ନେତନ୍ୟାହୁଙ୍କ କାର୍ଯ୍ୟାଳୟକୁ ମିସାଇଲ ମାଡ

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** ଇରାନ ଉପରେ ଇସ୍ରାଏଲ ଓ ଆମେରିକା ପକ୍ଷରୁ ହୋଇଥିବା ଆକ୍ରମଣରେ ମିଡିଲ ଇଷ୍ଟରେ ବିବାଦ ଚରମ ସୀମାରେ ପହଞ୍ଚିଛି। ସେଭଳି ଇରାନ ମଧ୍ୟ ଲଗାତାର ପାଲଟା ଆକ୍ରମଣ କରୁଥିଲା । ଏହା ଭିତରେ ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ଦାବି କରିଛି ଯେ,ନେତନ୍ୟାହୁଙ୍କ କାର୍ଯ୍ୟାଳୟ ଓ ଇସ୍ରାଏଲ ବାୟୁସେନା କମାଣ୍ଡରଙ୍କ ଆଡ୍ଡାକୁ ଟାର୍ଗେଟ କରିଛି । ତାଙ୍କ ସହ ସେ କହିଛନ୍ତି ,ଆକ୍ରମଣ ପରେ ନେତନ୍ୟାହୁଙ୍କ ସ୍ଥିତି ସ୍ପଷ୍ଟ ହୋଇନି। ଏହି ଆକ୍ରମଣ ନେଇ ଆଇଆରଜିସି ଦାବି କରିଛି ଯେ ନେତାନ୍ୟାହୁଙ୍କ ଅବସ୍ଥା ବର୍ତ୍ତମାନ ସ୍ପଷ୍ଟ ନୁହେଁ। ଖବର ମିଳିଛି ଯେ ଇସ୍ରାଏଲୀ ବାୟୁସେନା କମାଣ୍ଡରଙ୍କ ଘାଟି ଉପରେ 'ଖାଇବର' ମିସାଇଲ ମାଡ଼ କରାଯାଇଥିଲା । ଆମେରିକା-ଇସ୍ରାଏଲର ମିଳିତ ଅପରେସନରେ ଇରାନର ସର୍ବୋଚ୍ଚ ନେତା ଖାମେନେଇଙ୍କ ହତ୍ୟା ପରେ ଇରାନର ଜୋରଦାର ପାଲଟା ଆକ୍ରମଣ ଜାରି ରହିଛି । ତେହେରାନ ଏବଂ ଏହାର ସହଯୋଗୀ



ମିଲିସିଆମାନେ ଇସ୍ରାଏଲର ସହର ଏବଂ ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକୀୟ ଘାଟି ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ଆକ୍ରମଣ ଆରମ୍ଭ କରିଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ନେଇ ଇରାନର ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛି। ଇସ୍ରାଏଲ କହିଛି ଯେ ଏପରି କୌଣସି ଆକ୍ରମଣ ହୋଇନାହିଁ । ସେପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସାମରିକ ଅଧିକାରୀଙ୍କୁ ଆତ୍ମସମର୍ପଣ କରିବାକୁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ ଇରାନ ବିରୋଧରେ ସାମରିକ ଅଭିଯାନ ଏହାର ସମସ୍ତ ଉଦ୍ଦେଶ୍ୟ ହାସଲ ନହେବା ପର୍ଯ୍ୟନ୍ତ ଜାରି ରହିବ । ଟ୍ରମ୍ପ କହିଛନ୍ତି, ପ୍ରତିବଦଳରେ ସେ ପୂର୍ଣ୍ଣ ସୁରକ୍ଷା ଗ୍ୟାରେଣ୍ଟି ପ୍ରଦାନ କରିବେ । ସେ ଇରାନ ସାମରିକ କର୍ମଚାରୀମାନଙ୍କୁ ଆତ୍ମସମର୍ପଣ କରିବାକୁ କହିଛନ୍ତି, ଯଦି କଥାକୁ ନମାନ୍ତି ତେବେ ନିଶ୍ଚିତ ମୃତ୍ୟୁର ସମ୍ମୁଖୀନ ହେବେ । ଟ୍ରମ୍ପ କହିଛନ୍ତି ଏହା ଆହୁରି ଭୟଙ୍କର ହେବ ।

# ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ହୋଇଥିବା ଇରାନର ଅଭିଯୋଗ

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** ନାଟାଞ୍ଜରେ ଥିବା ଏହାର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ହୋଇଥିବା ଇରାନର ରାଷ୍ଟ୍ରଦୂତ ରେଜା ନଜାଫି ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା (ଆଇଏଇଏ) ଆଗରେ ଅଭିଯୋଗ କରିଛନ୍ତି । ଇରାନ ପରମାଣୁ ଅସ୍ତ୍ର ବିକଶିତ କରିବା ଅଭିଯୋଗରେ ଆମେରିକା ଓ ଇସ୍ରାଏଲ ଏହାର ନାଟାଞ୍ଜ ପରମାଣୁ ସ୍ଥଳ ଉପରେ ରବିବାର ଆକ୍ରମଣ କରିଥିଲେ। ଇରାନ ଉପରେ ଆକ୍ରମଣକୁ ନଜାଫି ବେଆଇନ, ଆପରାଧିକ ତଥା ନୃଶଂସତା ବୋଲି ଦର୍ଶାଇଛନ୍ତି । ଇରାନ ପରମାଣୁ ଅସ୍ତ୍ର ବିକଶିତ କରୁଥିବା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ କହିଛନ୍ତି । ଇରାନର ଅଭିଯୋଗ ଉପରେ ଆମେରିକା ଓ ଇସ୍ରାଏଲ ପକ୍ଷରୁ କୌଣସି ଜବାବ ଆସିନାହିଁ । ତେବେ ଅ।ଇଏଇଏ ମଧ୍ୟପ୍ରାଚ୍ୟ ସ୍ଥିତି ଉପରେ ଚିନ୍ତା ପ୍ରକଟ କରିବା ସହିତ ସମସ୍ତ ପକ୍ଷକୁ ସଂଯମ ରକ୍ଷା କରିବାକୁ କହିଛନ୍ତି। ଆମେରିକା-ଇସ୍ରାଏଲ ଇରାନର ପରମାଣୁ ସ୍ଥଳ ଉପରେ ଆକ୍ରମଣ କରିବାର କୌଣସି ପ୍ରମାଣ ମିଳିନାହିଁ ବୋଲି ଆଇଏଇଏ ନିର୍ଦ୍ଦେଶକ ଜେନେରାଲ ରାଫେଲ ଗ୍ରୋସି କହିଛନ୍ତି। ଗ୍ରୋସି ଏହାର ୩୫ ଜଣିଆ ସଦସ୍ୟଙ୍କୁ କହିଛନ୍ତି ଯେ, ଇରାନର ପରମାଣୁ ସ୍ଥଳ କ୍ଷତିଗ୍ରସ୍ତ ହେବାର କୌଣସି ପ୍ରମାଣ ପାଇନାହାନ୍ତି । ଇରାନର ପରମାଣୁ ନିୟାମକ କର୍ତ୍ତୃପକ୍ଷଙ୍କ ସହିତ ଆଇଏଇଏର କୌଣସି ସମ୍ପର୍କ ସ୍ଥାପନ ହୋଇପାରି ନାହିଁ। ରଏଟର୍ସ ରିପୋର୍ଟ ଅନୁଯାୟୀ, ଆଇଏଇଏ ମୁଖ୍ୟ ଗ୍ରୋସି ମଧ୍ୟ କହିଛନ୍ତି ଯେ, ଏପର୍ଯ୍ୟନ୍ତ ଇରାନ ସୀମାବର୍ତ୍ତୀ ଦେଶଗୁଡ଼ିକରେ ସାଧାରଣ ପୃଷ୍ଠଭୂମି ସ୍ତରଠାରୁ ଅଧିକ ବିକିରଣ ସ୍ତର ଚିହ୍ନଟ ହୋଇନାହିଁ । ତେବେ ସମ୍ଭାବ୍ୟ ରେଡିଓଲୋଜିକାଲ୍ ବିକିରଣକୁ ଅସ୍ୱୀକାର କରିପାରିବୁ ନାହିଁ, ଯେଉଁଥିରେ ପ୍ରମୁଖ ସହର କିମ୍ବା ବଡ଼ ଅଞ୍ଚଳକୁ ଖାଲି କରିବାର ଆବଶ୍ୟକତା ମଧ୍ୟ ଅନ୍ତର୍ଭୁକ୍ତ । ଆମକୁ କୂଟନୀତି ଓ ଆଲୋଚନାକୁ ମାଧ୍ୟମ କରିବାକୁ ପଡ଼ିବ ବୋଲି ଗ୍ରୋସି କହିଛନ୍ତି।ଯଦି କେଣସି ବିକିରଣ ହୁଏ ତେବେ ଅ।ଇଏଇଏ ସମସ୍ତ ସହାୟତା କରିବ । ଇରାନର ବୁଶହର ପରମାଣୁ ଶକ୍ତି କେନ୍ଦ୍ର, ତେହେରାନ ଅନୁସନ୍ଧାନ ରିଆକ୍ଟର ଓ ଅନ୍ୟ ପରମାଣୁ ଇନ୍ଧନ ଚକ୍ର ସୁବିଧା କ୍ଷତିଗ୍ରସ୍ତ ହେବାର କେଣସି ସଙ୍କେତ ମିଳିନାହିଁ ବୋଲି ଗ୍ରୋସି କହିଛନ୍ତି ।

# ଇରାନ ଉପରେ ଆକ୍ରମଣ ଯୋଗୁଁ ଭାରତରେ ହିଂସା ସୃଷ୍ଟି ହୋଇପାରେ

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** ଇରାନ ଆକ୍ରମଣ ପରେ ଦେଶରେ ହିଂସାକୁ ନେଇ ଗୃହ ମନ୍ତ୍ରଣାଳୟ ସତର୍କ ସୂଚନା ଜାରି କରିଛି । ଏନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟରୁ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଛି । ଫେବ୍ରୁଆରି ୨୮ ତାରିଖରେ ମନ୍ତ୍ରଣାଳୟ ଇସ୍ରାଏଲ ଏବଂ ଆମେରିକା ଦ୍ୱାରା ଇରାନ ଉପରେ ଆକ୍ରମଣର ସମ୍ଭାବନା ବିଷୟରେ ରାଜ୍ୟଗୁଡ଼ିକୁ ସୂଚନା ଦେଇଥିଲା। ଏହି ଆକ୍ରମଣ ପରେ ଭାରତରେ ହିଂସା ବ୍ୟାପିପାରେ ବୋଲି ମଧ୍ୟ ସତର୍କ କରାଇ ଦେଇଥିଲା । ସୂଚନା ଅନୁଯାୟୀ, ଚିଠିରେ ରାଜ୍ୟଗୁଡ଼ିକୁ ଇରାନ-ସମର୍ଥକ ମୌଳବାଦୀ ପ୍ରଚାରକ ଚିହ୍ନଟ କରିବାକୁ ଅନୁରୋଧ କରାଯାଇଛି । ସେମାନେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇ ହିଂସାକୁ ଉସୁକାଇ ପାରନ୍ତି । ମନ୍ତ୍ରଣାଳୟ ସୁରକ୍ଷା ଏଜେନ୍ସିଗୁଡ଼ିକୁ ଏପରି ପ୍ରଚାରକଙ୍କ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବାକୁ ଓ ନାଗରିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛି । ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କ ହତ୍ୟା ବିରୋଧରେ କାଶ୍ମୀରରେ ବିଶାଳ ପ୍ରତିବାଦ କରାଯାଇଛି। ପ୍ରଦର୍ଶନକାରୀମାନେ ଆମେରିକା ଓ ଇସ୍ରାଏଲ ବିରୋଧରେ ସ୍ଲୋଗାନ ଦେଇ ଶୋକରେ ଛାତି ବାଡ଼େଇଥିଲେ । କାଶ୍ମୀରର ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ, କର୍ତ୍ତୃପକ୍ଷ ମୋବାଇଲ୍ ଇଣ୍ଟରନେଟ୍ ଗତିକୁ ଧୀର କରିଦେଇଛନ୍ତି। ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ସତର୍କତା ସ୍ୱରୂପ ଏହି ପଦକ୍ଷେପ ନିଆଯାଇଥିଲା। କାଶ୍ମୀରରେ ପ୍ରାୟ ୧୫ ଲକ୍ଷ ଶିଆ ମୁସଲମାନ ବାସ କରନ୍ତି । ସେମାନେ ଏହି ପ୍ରତିବାଦ କରିଛନ୍ତି । ସୂଚନାଯୋଗ୍ୟ, ଉତ୍ତର ପ୍ରଦେଶର ବିଭିନ୍ନ ସ୍ଥାନରେ ମଧ୍ୟ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା । ରାଜଧାନୀ ଲକ୍ଷ୍ନୌରେ ଶିଆ ସମ୍ପ୍ରଦାୟର ସଦସ୍ୟମାନେ ଇମାମବାରାରେ ଏକତ୍ରିତ ହୋଇ ଆମେରିକା ଏବଂ ଇସ୍ରାଏଲ ବିରୋଧରେ ସ୍ଲୋଗାନ ଦେଇଥିଲେ । ସେମାନେ ଆମେରିକା ଏବଂ ଇସ୍ରାଏଲର କାର୍ଯ୍ୟକୁ ନିନ୍ଦା କରିଥିଲେ । ଇରାନେର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନି ସହିଦ ହୋବକୁ ଏକ ବଡ଼ କ୍ଷତି ବୋଲି କହିଥିଲେ । ଜୌନପୁର, ଅ।ଲିଗଡ଼ ଏବଂ ମୁଜାଫରନଗରରେ ମଧ୍ୟ ପ୍ରତିବାଦ କରାଯାଇଛି । ମୁଜାଫରନଗରରେ, ହଜାର ହଜାର ଶିଆ। ମୁସଲମାନ ଖେମିନିଙ୍କ ହତ୍ୟାର ପ୍ରତିବାଦରେ ଏକ ଶୋଭାଯାତ୍ରା ବାହାର କରିଥିଲେ ଏବଂ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଖକୁ ଏକ ସ୍ମାରକପତ୍ର ପଠାଇଥିଲେ ।

# ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ

**ନୂଆଦିଲ୍ଲୀ,୨।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟ ଯୁଦ୍ଧ ଅତି ଭୟଙ୍କର ରୂପ ନେଇଛି । ଇରାନ ଏହାର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ହତ୍ୟାର ପ୍ରତିଶୋଧ ନେବାପାଇଁ ଯାଜନା କରୁଛି। ଖେମିନିଙ୍କ ହତ୍ୟାର ପ୍ରତିଶୋଧ ନେବାପାଇଁ ଏହା ଦୃଢ଼ ସଂକଳ୍ପ ନେଇଛି । ଏଥିପାଇଁ ଇରାନ ଆଜି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଅଫିସ୍ ସମେତ ଇସ୍ରାଏଲର ଅନେକ ସରକାରୀ ପ୍ରତିଷ୍ଠାନ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି । ଇରାନର ଆଇଆର୍ଜିସି (ଇସଲାମିକ ରିଭୋଲ୍ୟୁସନାରି ଗାର୍ଡ କର୍ପସ) ଶନିବାର କହିଛି ଯେ, ଏହା ତେଲ୍ ଅଭିଭରେ ବେଞ୍ଜାମିନ ନେତାନ୍ୟାହୁଙ୍କ ଅଫିସ୍ ଏବଂ ହାଇଫାରେ ସୁରକ୍ଷା ଓ ସାମରିକ କେନ୍ଦ୍ର ତଥା ପୂର୍ବ ଜେରୁଜେଲମରେ ଟାର୍ଗେଟ୍ ଆକ୍ରମଣ କରିଛି। ଇରାନର ବାୟୁସେନା କମାଣ୍ଡର୍ ମୁଖ୍ୟାଳୟକୁ ମଧ୍ୟ ଟାର୍ଗେଟ୍ କରାଯାଇଛି ବୋଲି ଇରାନ ଦାବି କରିଛି । ଅନ୍ୟପକ୍ଷେ ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) କହିଛି ଯେ, ଇରାନ ପଟୁ ଇସ୍ରାଏଲକୁ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିବା ବେଳେ ଏହାକୁ ଖସାଇ ଦିଆଯାଇଛି ଏବଂ ତେହେରାନରେ ଏହା ପୁଣିଥରେ ସଦ୍ୟ ଆକ୍ରମଣ ଆରମ୍ଭ କରିଛି । ଇସ୍ରାଏଲ ଆଜି ଦକ୍ଷିଣ ତେହେରାନର ଗାନ୍ଧୀ ହସ୍ପିଟାଲ୍ ଉପରେ ଆକ୍ରମଣ କରିଛି । ହସ୍ପିଟାଲରୁ ରୋଗୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଥିବାର ଭିଡିଓ ଜାରି କରାଯାଇଛି । କିନ୍ତୁ ଏହି ଘଟଣାରେ କେତେ ମୃତାହତ ହୋଇଛନ୍ତି ସେନେଇ କେଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଇରାନର କୂଟନେତିକ ପୁଲିସ କେନ୍ଦ୍ର ଉପରେ ମଧ୍ୟ ଏହା ଆକ୍ରମଣ କରିଥିବା ଦାବି କରିଛି। ତେବେ ଶନିବାରଠାରୁ ଇସ୍ରାଏଲ-ଆମେରିକାର ମିଳିତ ଆକ୍ରମଣରେ ଇରାନରେ ୫୫୫ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୭୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଅନ୍ୟପକ୍ଷେ ଇସ୍ରାଏଲରେ ଇରାନ ଆକ୍ରମଣରେ ପ୍ରାୟ ୯ ଜଣଙ୍କର ମୃତ୍ୟୁ ହୋଇଛି। ଇରାନ-ସମର୍ଥିତ ହେଜବୁଲ୍ଲା ଆଜି ଲେବାନନର ଇସ୍ରାଏଲ ଉପରେ ରକେଟ୍ ଓ ଡ୍ରୋନ୍ ଆକ୍ରମଣ କରିଥିବାବେଳେ ଇସ୍ରାଏଲ ବେରୁଟ୍ର ଦକ୍ଷିଣ ସହରତଳି ଅଞ୍ଚଳ ଓ ଦକ୍ଷିଣ ଲେବାନନରେ ଆକ୍ରମଣ କରିଛି । ଏଥିରେ ୩୧ ଜଣଙ୍କର ମୃତ୍ୟୁ ହୋଇଛି। ଖେମିନିଙ୍କ ମୃତ୍ୟୁ ପରେ ଇରାନ ରକ୍ତମୁଖା ହୋଇପଡ଼ିଛି । ଏହା ଆମେରିକା ସହ କେଣସି ପ୍ରକାର ବୁଝାମଣା କରିବନି ବୋଲି ସ୍ପଷ୍ଟ କରିଦେଇଛି । ଇରାନର ଜଣେ ବରିଷ୍ଠ ଅଫିସର ଅଲି ଲରିଜନି କହିଛନ୍ତି, ଆମେରିକା ସହ କୌଣସି ପ୍ରକାର ବୁଝାମଣା ହେବନାହିଁ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର କଥାବାର୍ତ୍ତା ପାଇଁ ସଙ୍କେତ ଦେଇଥିଲେ ମଧ୍ୟ ଇରାନ ମନା [illegible] । ଏହି ସଂଘର୍ଷ ଏବେ ବୈଶ୍ୱିକ ଶକ୍ତି ବଜାରକୁ ପ୍ରଭାବିତ କଲାଣି । ଇରାନର ଏକ ଡ୍ରୋନ୍ ସାଉଦି ଆରବର ରାସ ତନୁରା ବିଶୋଧନାଗାରରେ ମାଡ଼ ହେବା ଫଳରେ ଏଠାରେ ଅସ୍ଥାୟୀ ଭାବେ କାର୍ଯ୍ୟ ବନ୍ଦ ରହିଛି । ଅନ୍ୟପକ୍ଷେ ଓମାନରେ ଏକ ତେଲ ଟ୍ୟାଙ୍କର୍ ସହ ଏକ ଡ୍ରୋନ୍ ବୋଟ୍ ମାଡ଼ ହେବା ଫଳରେ ନିଆଁ ଲାଗିଯାଇଛି ଏବଂ ଏଥିରେ ଜଣେ ଭାରତୀୟଙ୍କର ମୃତ୍ୟୁ ହୋଇଛି । ଇତି ମଧ୍ୟରେ ଇରାନ ବିରୋଧରେ ଜାରି ରହିଥିବା ଅପରେସନରେ ଭାଗ ନେଇଥିବା ୩ ଆମେରିକୀୟ ଲଢୁଆ ବିମାନକୁ ଆଜି କୁଏତୀ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଦ୍ୱାରା ଖସାଇ ଦିଆଯାଇଛି । ଆମେରିକାର କେନ୍ଦ୍ରୀୟ କମାଣ୍ଡ ଏନେଇ ସ୍ପଷ୍ଟ କରିଛି ଏବଂ ୩ଟି ଏଫ୍-୧୫ ଯୁଦ୍ଧ ବିମାନରୁ ୬ ଜଣ କ୍ରୁ ସଦସ୍ୟ ସୁରକ୍ଷିତ ବାହାରିଯାଇଥିବା କହିଛି ।



## ଦୋଳଯାତ୍ରା - ସାହିଯାତ୍ରା ଶେଷ



**ଗଞ୍ଜାମ, ୨।୩ (ନି.ପ୍ର):** ଗଞ୍ଜାମ ର ଦୋଳଯାତ୍ରା ପାଇଁ ସ୍ଥାନୀୟ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ବିଭିନ୍ନ ସାହିର ୧୬ ଟି ଠାକୁର ଙ୍କ ମନ୍ଦିର ମାନ ଓ ସାହି ମାନଙ୍କରେ ରଙ୍ଗ ବେରଙ୍ଗ ର ଆ।ଲୋକ ମାଳାରେ ସୁସଜ୍ଜିତ କରାଯାଇଛି। ସାହି ଯାତ୍ରା ଅବସରରେ ମନ୍ଦିର ରୁ ଶ୍ରୀ ରାଧା ରାଣୀ ଓ ଶ୍ରକୃଷ୍ଣ ଙ୍କ ଯୁଗଳ ପ୍ରତିମା କୁ ପରମ୍ପାରିକ ବାଦ୍ୟ ବାଜଣା ସହକାରେ ପାଛୋଟି ନେଇ ସୁସଜ୍ଜିତ ଦୋଳ ବୀମାନ ରେ ଉପଶେନ କରାଯିବାପରେ ସାହି ମାନଙ୍କରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସୋମବାର ବଡ଼ ବଜାର ଯାତ୍ରା ଅବସରରେ ପ୍ରତ୍ୟେକ ଠାକୁର ନିର୍ଦ୍ଧାରିତ ସମୟର ଦୁଇଘଣ୍ଟା ବିଳମ୍ବିତ ସମୟରେ ବଜାର ଯାତ୍ରା ସ୍ଥଳରେ ପହଞ୍ଚି ସ୍ଥାନ ଚୟନ କରି ବିରାଟ ପଟୁଆ।ରରେ ରେ ନିଜ ନିଜ ମନ୍ଦିର ଅଭିମୁଖେ ଫେରିଥିଲେ। ଯାହାକୁନେଇ ବଡ଼ ବଜାର ଯାତ୍ରା ସ୍ଥଳ ଉତ୍ସବମୁଖରିତ ହୋଇଉଠିଥିଲା।ପୁଲିସ ପ୍ରଶାସନ ପକ୍ଷରୁ ଡି ଜେ ଗାଡି ଗୁଡିକ ଯାଞ୍ଚ କରି ବେସଲେସ କରାଯାଇଥିଲା । ଯାହାକୁ ନେଇ ଠାକୁର ମାନେ ନିର୍ଦ୍ଧାରିତ ସମୟରେ ବାହାରିବାରେ ବିଳମ୍ବ ହୋଇଥିବା ଚର୍ଚ୍ଚା ହୋଇଥିଲା।

## ବ୍ରହ୍ମପୁରୀ ପାଟ ଉପରେ ପର୍ଯ୍ୟବେସିତ ପାରମ୍ପରିକ ପୋଷାକ ଉତ୍ସବ 'ଲାବଣ୍ୟ'ଅନୁଷ୍ଠିତ

**ବ୍ରହ୍ମପୁର, ୨।୩(ମନ୍ଥନ):** ଗୋଳନ୍ଥରା ଅନ୍ତର୍ଗତ ଭାଲିଆଗଡ ଗ୍ରାମ ନିକଟସ୍ଥ ରୋଲାଣ୍ଡ ଇନଷ୍ଟିଚ୍ୟୁଟ ଇଣ୍ଡୋର ହଲରେ ଶନିବାର ଅପରାହ୍ନରେ ଆମେସବୁ ପକ୍ଷରୁ ଏକ ପୋଷାକ ଉତ୍ସବ ବା ଫେଶନ ଶୋ କାର୍ଯ୍ୟକ୍ରମ 'ଲାବଣ୍ୟ' ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାର ସଂସ୍କୃତି ଓ ପରମ୍ପରା ଉଦ୍ଜିବିତ ରଖିଥିବା ଅନୁଷ୍ଠାନ ଆମେସବୁ ଦ୍ୱାରା ବ୍ରହ୍ମପୁରୀ ପାଟ ଉପରେ ପ୍ରଥମ କରି ଆୟୋଜିତ ହେଇଥିବା ଏହି ଉତ୍ସବରେ ଅତିଥି ଭାବରେ ଜାତି ସଂଘର ପୂର୍ବତନ ଭାରତୀୟ ଶାନ୍ତି ପ୍ରତିଷ୍ଠା ବଳର ଅଧିକାରୀ ତଥା ଆଫ୍ରିକାର ଜୋହାନ୍ସବର୍ଗ ଥରେ ରହୁଥିବା ଓଡ଼ିଆ ସଞ୍ଜିତ ନାୟକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ଓଡ଼ିଶା ସରକାରଙ୍କ ଅତିରିକ୍ତ ସଚିବ ଦୀପ୍ତି ମହାପାତ୍ର ଓ ରୋଲାଣ୍ଡ ଗ୍ରୁପର ଅଧକ୍ଷା ଜାମୁଲା ଜୟଲକ୍ଷ୍ମୀ ପ୍ରମୁଖ ଯୋଗଦେଇ ବ୍ରହ୍ମପୁରୀ ପାଟ ପରିଧାନ କରି ଉତ୍ସବ ଉଦ୍ଘାଟନ କରିବା ସହ ବ୍ରହ୍ମପୁରର ପାଟ ସଂସ୍କୃତିକୁ ଉପଭୋଗ କରିଥିଲେ। 'ଆମେସବୁ'ର ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ବହୁ ପ୍ରତିଷ୍ଠିତ ନୃତ୍ୟ ଶିଳ୍ପୀ ମାନେ ବ୍ରହ୍ମପୁରୀ ପାଟ ପରିଧାନ କରି ଏହାକୁ ଦୃଷ୍ଟିରେ ରଖି ନୃତ୍ୟ ପରିବେଷଣ କରିବା ସହ ଏହାର ଲୁକାହିତ ପ୍ରତିଭାକୁ ବିକଶିତ କରିଥିଲେ । ଏହି ପରିପ୍ରେକ୍ଷୀରେ ମାଧବ ପାତ୍ରଙ୍କ ସଂଯୋଜନାରେ ଯୁବ ନୃତ୍ୟ ଶିଳ୍ପୀ ସୁଶ୍ରୀ ସଂହିତା, ଓଡ଼ିଶୀ ନୃତ୍ୟାଙ୍ଗନା ଆଦ୍ୟାଶା ଅନିନ୍ଦୀତା ନୃତ୍ୟ ପରିବେଷଣ କରିଥିବା ବେଳେ, ପ୍ରଥମ ଓଡ଼ିଆ ମହିଳା ମୁଜିକ ବ୍ୟାଣ୍ଡ ଚମତ୍କାର ଯାଯାବର ଧୁନ୍ ପରିବେଷଣ ଓ ସଦ୍ୟ ଦୁବାଇରୁ ଫେରିଥିବା ଯୁବ ସଙ୍ଗୀତ ଶିଳ୍ପୀ ସଙ୍ଗୀତ ପର୍ଦ୍ଧିଣୀଯା ଗୀତ ଗାୟନ ଶୈଳୀରେ ସମସ୍ତଙ୍କୁ ଝୁମେଇ ଥିଲେ।



ଏହି ଅବସରରେ ଗତ ଫେବୃୟାରୀ ପାଞ୍ଚ ତାରିଖରେ ବ୍ରହ୍ମପୁରୀ ପାଟ ଉପରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୧୦ ଜଣ ମଡେଲ ମାନଙ୍କର ଫାଇନାଲ ରାଉଣ୍ଡ ଫ୍ୟାସନ ପ୍ରତିଯୋଗିତା ହେଇଥିଲା । ଯେଉଁଥିରେ ଆମେସବୁର ଲାବଣ୍ୟ କୁମାର ରୂପେ ଡି. କାହ୍ନା ଏବଂ ଲାବଣ୍ୟ କୁମାରୀ ଭାବେ ଜ୍ୟୋତ୍ସ୍ନା କୁମାରୀ ସେଠି ମନୋନୀତ ହୋଇଥିଲେ। ସେହିପରି ସ୍ୱତନ୍ତ୍ର ଭାବରେ ଆମେସବୁ ତରଫରୁ ସୁଦୀପ୍ତା ପାଣିଗ୍ରାହୀଙ୍କ ଦ୍ୱାରା ବ୍ରହ୍ମପୁରର ବିଶିଷ୍ଟ ପାଟ ବୁଣାକାର ବି. ଲକ୍ଷ୍ମୀ ନାରାୟଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଫ୍ୟାସନ ଶୋ'ର ଶୋ-ଷ୍ଟପର ଭାବରେ ଗ୍ଲାମନ ମିସ ଇଣ୍ଡିଆ ବିଜେତା ରଶ୍ମି ନାୟକ, ଫ୍ୟାସନ କୋରିଓଗ୍ରଫର ରାଣୀ ନାୟକ, ବିଚାରକ ରୂପେ ଗିନିସ ବୁକ୍ ଅଫ ରେକର୍ଡସ୍ ର ବଲିଉଡ ହେୟର ଷ୍ଟାଇଲିଷ୍ଟ କେ. ରାଜୁ, ଓ ଫ୍ୟାସନ ନିର୍ଦ୍ଦେଶିକା କରିଶ୍ମା ଖାଁ ଯୋଗଦେଇ ସହଯୋଗ କରିଥିଲେ। ଏହି ଅନନ୍ୟ ଉତ୍ସବକୁ ଡକ୍ଟର ଶୁଭଶ୍ରୀ ଜେନା ସଂଯୋଜନା କରିଥିବା ବେଳେ, ଡକ୍ଟର ଗୁଣମଣି ଜେନା, ରାକେଶ ରଞ୍ଜନ ପଲାଇ, ସୁନିଲ ପଟ୍ଟନାୟକ, ଡକ୍ଟର ସବ୍ୟସାଚୀ ରଥ, ତ୍ରିପତି ବାଲାଜୀ ପାତ୍ର, ସୋନାଲି ପଣ୍ଡା, ରବୀନ୍ଦ୍ର ଗୌଡ଼, କୃପାସିନ୍ଧୁ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ତଥା ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତି ତଥା ବିଭିନ୍ନ ବୈଷୟିକ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ଗହଣରେ ସଫଳତାର ସହ ଆୟୋଜିତ ହେଇଥିବା ଶ୍ରୀ ପାଣିଗ୍ରାହୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

## ଆମାଜନର ପକ୍ଷରୁ ହୋଲି ଷ୍ଟୋର୍ ଶୁଭାରମ୍ଭ




**ଭୁବନେଶ୍ୱର, ୨।୩ (ନି.ପ୍ର) :** ଭାରତ ବର୍ଷର ସବୁଠାରୁ ରଙ୍ଗୀନ ଉତ୍ସବ ପାଇଁ ପ୍ରସ୍ତୁତ ହେଉଥିବା ସମୟରେ, ଆମାଜନ.ଇନ ଏହାର ଉତ୍ସର୍ଗୀକୃତ ହୋଲି ଷ୍ଟୋର୍ ଶୁଭାରମ୍ଭ କରିଛି, ଯାହା ଫ୍ୟାଶନ୍, ସୌନ୍ଦର୍ଯ୍ୟ, ଘର ସାଜସଜ୍ଜା, କିରାଣା, ଖେଳଣା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍ସବକାଳୀନ ଆବଶ୍ୟକୀୟ ସାମଗ୍ରୀର ଏକ ବିସ୍ତୃତ ପରିସରକୁ ଏକତ୍ରିତ କରିଛି। ଷ୍ଟୋରରେ ଚର୍ମ-ଅନୁକୂଳ ହର୍ବାଲ ଗୁଲାଲ ଏବଂ ଉତ୍ସବର ମିଠା ଠାରୁ ଆରମ୍ଭ କରି ପିଚକାରୀ, ପାର୍ଟି-ପ୍ରସ୍ତୁତ ପୋଷାକ, ଜଳପ୍ରତିରୋଧୀ ମେକଅପ୍, ପୋର୍ଟେବଲ୍ ସ୍ପିକର, ସ୍ମାର୍ଟ ଡିଭାଇସ୍ ଏବଂ ଅନ୍ୟାନ୍ୟ ସବୁକିଛି ରହିଛି। ଆମାଜନ ଏଆଇ-ଚାଳିତ ଉପକରଣ ସହିତ ହୋଲି ସପିଂକୁ ସରଳ ଏବଂ ସହଜ କରୁଛି। ଆମାଜନର ଏଆଇ-ଚାଳିତ ସପିଂ ଆସିଷ୍ଟାଂଟ ରୁଫସ୍ ସହିତ, ଗ୍ରାହକମାନେ ଉତ୍ପାଦଗୁଡ଼ିକୁ ଆବିଷ୍କାର କରିପାରିବେ ଏବଂ ବ୍ୟକ୍ତିଗତ ସୁପାରିଶ ପାଇପାରିବେ। କେବଳ 'ସଜେଷ୍ଟ ହୋଲି ପାର୍ଟି ଜରୁରୀ ଏସେନ୍ସିଆଲ୍ସ' କିମ୍ବା 'କିଡ୍ସ କେଲିୟେ ସେଫ୍ କଲର୍ସ ବତାଓ' କିମ୍ବା '୨,୦୦୦ ଟଙ୍କା ତଳେ ହୋଲି ପାଇଁ ପୋଷାକ ଆଇଡିଆ' ବିଷୟରେ ପଚାରନ୍ତୁ। ଲେନ୍ସ ଏଆଇ ସହିତ, ଆପଣ ସୋସିଆଲ ମିଡିଆ କିମ୍ବା ଷ୍ଟୋରରେ ଦେଖିଥିବା କିଛି ଜିନିଷର ଏକ ଫଟୋ ଉଠାଇ ଆମାଜନ.ଇନରେ ତୁରନ୍ତ ଖୋଜିପାରିବେ।

ଏହି ହୋଲିରେ, ଆମାଜନ୍ ପେ ଏହାର ସୁପର ଅଫର୍ ସହିତ ଦୈନନ୍ଦିନ ପେମେଂଟକୁ ଅଧିକ ଲାଭଦାୟକ କରୁଛି, ଯାହା ୧-୮ ମାର୍ଚ୍ଚ, ୨୦୨୬ ପର୍ଯ୍ୟନ୍ତ ବୈଧ । ଆମାଜନ.ଇନରେ ସପିଂ କରିବା ସମୟରେ ଆମାଜନ୍ ପେ ୟୁପିଆଇ ବ୍ୟବହାର କରୁଥିବା ଗ୍ରାହକମାନଙ୍କୁ ୫% କ୍ୟାସବ୍ୟାକ୍ (୫୦ ଟଙ୍କା ପର୍ଯ୍ୟନ୍ତ) ପ୍ରଦାନ କରୁଛି। ଏହା ସହିତ, ଗ୍ରାହକମାନେ ବସ୍ ଟିକେଟ୍ ବୁକିଂରେ ୧୭% ପର୍ଯ୍ୟନ୍ତ ରିହାତି ସହିତ ସ୍ମାର୍ଟ ଟ୍ରାଭେଲ୍ ସଂଚୟକୁ ଅନଲକ୍ କରିପାରିବେ, ୨୫ ରୁ ୨୭ ଫେବୃଆରୀ ଏବଂ ୬ ରୁ ୭ ମାର୍ଚ୍ଚ ମଧ୍ୟରେ ବୁକିଂରେ ଅତିରିକ୍ତ ଫ୍ଲାଟ୍ ୧୦୦ ଟଙ୍କା କ୍ୟାସବ୍ୟାକ୍ ସହିତ, ଆମାଜନ୍ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ବ୍ୟବହାର କରି ଫ୍ଲାଇଟ୍ ଏବଂ ହୋଟେଲ୍ ବୁକିଂରେ ପ୍ରାଇମ୍ ସଦସ୍ୟଙ୍କ ପାଇଁ ୧୦% ପର୍ଯ୍ୟନ୍ତ ରିହାତି + ୫% ଅସୀମିତ କ୍ୟାସବ୍ୟାକ୍ ଉପଭୋଗ କରିପାରିବେ।

## ମହିଳା ନେତୃତ୍ୱାଧୀନ କୃଷି ଉଦ୍ୟୋଗକୁ ସଶକ୍ତ କରିବାପାଇଁ ଏଏମ୍/ଏନ ଏସ ଇଣ୍ଡିଆର ପ୍ରୟାସ



**ପାରାଦ୍ୱୀପ, ୨।୩ (ନି.ପ୍ର):** ଆ।ର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ। (ଏଏମ୍/ଏନ୍ଏସ୍ ଇଣ୍ଡିଆ।), ଏହାର ପ୍ରମୁଖ ସିଏସଆ।ର୍ ପଦକ୍ଷେପ ଅନ୍ତର୍ଗତ 'ବିକଳ୍ପ ଜୀବିକା ପାଇଁ ସଫଳ ଦୀର୍ଘସ୍ଥାୟୀ କୃଷି' ମାଧ୍ୟମରେ କୁଜଙ୍ଗ ବ୍ଲକର ବରେଇ ଏବଂ ଚକ୍ରଧରପୁର ଗ୍ରାମର ମହିଳା ଉତ୍ପାଦକ ଗୋଷ୍ଠି ଙ୍କୁ ଦୁଇଟି କୃଷି ସମ୍ପର୍କିତ ଯନ୍ତ୍ରପାତି ବଣ୍ଟନ ମାଧ୍ୟମରେ ଦୀର୍ଘସ୍ଥାୟୀ ଗ୍ରାମୀଣ ଜୀବିକା ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃ ପ୍ରତିପାଦିତ କରିଛି। ସ୍ଥାନୀୟ ପ୍ରକ୍ରିୟାକରଣ, ବର୍ଦ୍ଧିତ ଆ।ୟ ସୁଯୋଗ ଏବଂ ଅମଳ ପରବର୍ତ୍ତୀ କ୍ଷତି ହ୍ରାସ ମାଧ୍ୟମରେ ମହିଳା ନେତୃତ୍ୱାଧୀନ କୃଷି ଉଦ୍ୟୋଗକୁ ସଶକ୍ତ କରିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ଯ ୨୧ ଜଣ ମହିଳା ସଦସ୍ୟଙ୍କୁ ନେଇ ଗଠିତ ଚକ୍ରଧରପୁରର ଶ୍ରୀଧା ମହାବୀର ଉତ୍ପାଦକ ଗ୍ରୁପ୍ କୁ ଏକ କ୍ଷୁଦ୍ର ତେଲ ଉତ୍ପାଦକ ମେସିନ୍ ପ୍ରଦାନ କରାଯାଇଛି। ଏହି ମେସିନ୍ ଗ୍ରୁପ୍ କୁ ସ୍ଥାନୀୟ ଅଞ୍ଚଳରେ ଉତ୍ପାଦିତ ତୈଳବୀଜ ପ୍ରକ୍ରିୟାକରଣ କରିବାରେ ସକ୍ଷମ କରିବ, ଅଧିକ ରାଜସ୍ୱ ସୁନିଶ୍ଚିତ କରିବ, ଗୁଣବତ୍ତା ନିୟନ୍ତ୍ରଣରେ ଉନ୍ନତି ଆ।ଣିବ ଏବଂ ବାହ୍ୟ ମିଲ୍ ଉପରେ ନିର୍ଭରଶୀଳତାକୁ ମଧ୍ୟ ହ୍ରାସ କରିବ। ସେହିଭଳି, ୩୦ ଜଣ ମହିଳା ସଦସ୍ୟଙ୍କୁ ନେଇ ଗଠିତ ବରେଇର ମା ମଙ୍ଗଳା ଭେରାଇଟି ପ୍ରଡ୍ୟୁସର ଗ୍ରୁପ୍ କୁ ଏକ ମିନି ରାଇସ୍ ମିଲ୍ ପ୍ରଦାନ କରାଯାଇଛି। ସ୍ଥାନୀୟ ଧାନ ପ୍ରକ୍ରିୟାକରଣ ସୁବିଧା ସହିତ, ଏହି ଗ୍ରୁପ୍ ବର୍ତ୍ତମାନ ଗ୍ରେଡିଂ, ମିଲିଂ ଏବଂ ପ୍ୟାକେଜିଂ ଓ ସ୍ଥାନୀୟ ବ୍ରାଣ୍ଡେଡ୍ ଉତ୍ପାଦକୁ ପ୍ରୋତ୍ସାହିତ କରିବା ସହିତ ଅତିରିକ୍ତ ରାଜସ୍ୱ ସ୍ରୋତକୁ ଉନ୍ମୁକ୍ତ କରିପାରିବ । ଯନ୍ତ୍ରପାତି ସହାୟତା ବ୍ୟତୀତ, ଏହି ପଦକ୍ଷେପରେ କାର୍ଯ୍ୟ, ରକ୍ଷଣାବେକ୍ଷଣ, ଆ।ର୍ଥିକ ସାକ୍ଷରତା, ବଜାର ସଂଯୋଗ ସୁବିଧା ଏବଂ ବ୍ୟବସାୟ ପରିଚାଳନା ଭଳି କ୍ଷମତା ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ଉଦ୍ୟୋଗଗୁଡ଼ିକର ଦୀର୍ଘକାଳୀନ ସ୍ଥିରତା ସୁନିଶ୍ଚିତ କରିବା, ପାରିବାରିକ ଆ।ୟ ବୃଦ୍ଧି, ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଗ୍ରାମୀଣ ମହିଳାମାନଙ୍କ ମଧ୍ୟରେ ସାମୂହିକ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ପାରାଦ୍ୱୀପଗଡ଼ ସରପଞ୍ଚ ଙ୍କ ପ୍ରତିନିଧି ତଥା ବରିଷ୍ଠ ଆ।ଇନଜୀବୀ ସଞ୍ଜୟ ବେହେରା, ଓଡ଼ିଶା ଜୀବିକା ମିଶନ (ଓଏଲଏମ) ବ୍ଲକ ପ୍ରୋଗ୍ରାମ ସଂଯୋଜକ ତ୍ରୈଲୋକ୍ୟ ମଲ୍ଲ, କୁଜଙ୍ଗର କୃଷି ପ୍ରଯୁକ୍ତିବିଦ୍ୟା ପରିଚାଳନା ସଂସ୍ଥା (ଏଟିଏମ୍ଏ) ବ୍ଲକ ଟେକ୍ନୋଲୋଜି ମ୍ୟାନେଜର ତୁଳସୀ ମହାନ୍ତି ଏବଂ ବିଭିନ୍ନ ମହିଳା ଏସଏଚଜି ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ। ଅତିଥିମାନେ ଏହି ପଦକ୍ଷେପକୁ ଆ।ତ୍ମନିର୍ଭରଶୀଳତା ଏବଂ ଅର୍ଥନୈତିକ ସଶକ୍ତିକରଣ ଦିଗରେ ଏମଏନ/ଏସ ଇଣ୍ଡିଆ। ର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ପ୍ରଶଂସା କରିଥିଲେ।

## ବେଦାନ୍ତ ଆଲୁମିନିୟମ ପ୍ରକଳ୍ପ ଶୁଭଲକ୍ଷ୍ମୀ ଅଧିନରେ ଝୋଟ ପ୍ରକ୍ରିୟାକରଣ କେନ୍ଦ୍ରର ଶୁଭାରମ୍ଭ

**ଝାରସୁଗୁଡ଼ା, ୨।୩ (ନି.ପ୍ର) :** ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାର କେଲେଣ୍ଡାମାଲ ଗ୍ରାମରେ ଏକ ଝୋଟ ପ୍ରକ୍ରିୟାକରଣ କେନ୍ଦ୍ର ଉଦଘାଟନ କରିଛି, ଯାହା ମହିଳାମାନଙ୍କ ଲାଗି ନୂଆ ଜୀବିକା ସୃଷ୍ଟିରେ ସହାୟକ ହେବ। ଏହା ଶୁଭଲକ୍ଷ୍ମୀ ସମବାୟ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରକଳ୍ପ ଅଧୀନରେ କାର୍ଯ୍ୟକାରୀ ହେବ। ସଦସ୍ୟମାନଙ୍କୁ ଝୋଟ ଉତ୍ପାଦ ଉତ୍ପାଦନ, ପରିବେଶ ଅନୁକୂଳ ସାମଗ୍ରୀ ପ୍ରୋତ୍ସାହନ ଓ ମହିଳା ନେତୃତ୍ୱାଧୀନ ବ୍ୟବସାୟକୁ ସମର୍ଥନ କରିବ।



ପ୍ରଥମ ପର୍ଯ୍ୟାୟରେ ଚାରୋଟି ଝୋଟ ପ୍ରକ୍ରିୟାକରଣ ମେସିନ ସହ ସଜ୍ଜିତ କେନ୍ଦ୍ର ପ୍ରାରମ୍ଭ ରେ ପୁନଃବ୍ୟବହାର ଯୋଗ୍ୟ ଝୋଟ ବ୍ୟାଗ ନିର୍ମାଣ ଉପରେ ଧ୍ୟାନ ଦେବ। ଏହା ଦ୍ୱାରା ଲୋକମାନେ ପ୍ଲାଷ୍ଟିକ ବ୍ୟବହାରକୁ ଦୂର କରିପାରିବେ। ଦକ୍ଷତା ତାଲିମ, ଭିତିଭୂମି ଓ ବଜାର ସମର୍ଥନକୁ ନେଇ ଏହା ଏକ ସବୁଜ ଉଦ୍ୟୋଗ ମଡେଲ ସୃଷ୍ଟି କରିବ। କେଲେଣ୍ଡାମାଲ ଗ୍ରାମର ସରପଂଚ ସୁଶ୍ରୀ ସୁସ୍ମିତା ନାୟକଙ୍କ ଦ୍ୱାରା ଶୁଭଲକ୍ଷ୍ମୀ ସମବାୟର ସଭାପତି ଶ୍ରୀମତି ପଙ୍କଜିନି ଓରାମ ଓ ବେଦାନ୍ତ ଆଲୁମିନିୟମର ସିଏସଆର ମୁଖ୍ୟ ଶ୍ରୀମତୀ ହରମୀତ ସେରାଙ୍କ ଉପସ୍ଥିତିରେ ଏହି କେନ୍ଦ୍ରର ଉଦଘାଟନ କରାଯାଇଥିଲା। ଏହି ପଦକ୍ଷେପର ପ୍ରଭାବ ଉପରେ ଆଲୋକପାତ କରି ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି ଚନ୍ଦ୍ରୁ କହିଛନ୍ତି ଯେ ନିରନ୍ତର ବିକାଶ ପାଇଁ ପରିବେଶଗତ ଦାୟିତ୍ୱ ସହ ଆର୍ଥିକ ସୁଯୋଗ ସନ୍ତୁଳନତା ଆବଶ୍ୟକ। ଶୁଭଲକ୍ଷ୍ମୀ ସମବାୟ ସମିତି ସହ ଏହି ସହଭାଗିତା ଜରୀଆରେ ଆମେ ପରିବେଶ ଅନୁକୂଳ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ସହ ଆୟକୁ ସୁଦୃଢ କରୁଥିବା ଉଦ୍ୟୋଗ ନିର୍ମାଣ କରିବାକୁ ମହିଳାମାନଙ୍କୁ ଉତ୍ସାହିତ କରୁଛୁ ଯାହା ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ସହ ଜଡ଼ିତ। ଶୁଭଲକ୍ଷ୍ମୀ ସମବାୟ ସମିତର ସଭାପତି ଶ୍ରୀମତୀ ପଙ୍କଜିନିର ଓରାମ କହିଛନ୍ତି ଯେ ଝୋଟ ପ୍ରକ୍ରିୟାକରଣ କେନ୍ଦ୍ର ଆମ ସଂପ୍ରଦାୟରେ ମହିଳାମାନଙ୍କୁ ସଶକ୍ତ କରିବ। ବେଦାନ୍ତ ସମର୍ଥନରେ ମହିଳମାନେ ତାଲିମ ଓ ଦକ୍ଷତା ବୃଦ୍ଧିର ସୁଯୋଗ ପାଇବେ। ଏହା ଦ୍ୱାରା ସେମାନେ ନିଜସ୍ୱ ଉଦ୍ୟୋଗ ଚଳାଇବାକୁ ସକ୍ଷମ ହେବେ। ବେଦାନ୍ତ ଆଲୁମିନିୟମ ଦ୍ୱାରା ବ୍ୟାପକ ସମର୍ଥିତ ସୁଭଲକ୍ଷ୍ମୀ ସମବାୟ ଓଡ଼ିଶାର ଏକ ପ୍ରଭାବଶାଳୀ ମହିଳା ସଶକ୍ତିକରଣ ମଡେଲ ମଧ୍ୟରୁ ଅନ୍ୟତମ ଭାବେ କାର୍ଯ୍ୟ କରୁଛି। ଏହା ଜିଲ୍ଲାର ୪୪୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ୫୦୦୦ରୁ ଅଧିକ ମହିଳାଙ୍କୁ ନିୟୋଜିତ କରୁଛି। ସେମାନଙ୍କୁ ବଜାର ଦକ୍ଷତା, ଋଣ ଉପଲବ୍ଧତା ଓ ଉଦ୍ୟୋଗୀ ତାଲିମ ପ୍ରଦାନ କରୁଛି। ଏହା ଦ୍ୱାରା ହଜାର ହଜାର ଲୋକଙ୍କୁ ସ୍ଥାୟୀ ଜୀବିକା ଓ ଆର୍ଥିକ ସ୍ୱାଧୀନତା ମିଳିପାରୁଛି। ଏହା ୧୫୦୦ରୁ ଅଧିକ ମହିଳାଙ୍କୁ ସହାୟତା କରି ୨.୫୫ କୋଟି ଟଙ୍କାରୁ ଅଧିକ ମାଇକ୍ରୋଫାଇନାନ୍ସ ଋଣ ପ୍ରଦାନ କରିଛି। ଆର୍ଥିକ ଉନ୍ନତି ବ୍ୟତୀତ ସୁଭଲକ୍ଷ୍ମୀ ଗ୍ରାମୀଣ ମହିଳାମାନଙ୍କ ଭିତରେ ଆତ୍ମବିଶ୍ୱାସ, ଗତିଶୀଳତା ଓ ସାମାଜିକ ଅଂଶଗ୍ରହଣ ବୃଦ୍ଧି କରିବାରେ ସାହାଯ୍ୟ କରିଛି।

## କଂଗ୍ରେସ ର ଜିଲ୍ଲାସ୍ତରୀୟ ଜନ ଅଧିକାର ସମାବେଶ ନିମନ୍ତେ ସାମ୍ବାଦିକ ସମ୍ମିଳନୀ

**ଯୋଡ଼ା, ୨।୩ (ନି.ପ୍ର):** କେନ୍ଦୁଝର ଜିଲ୍ଲା ଯୋଡ଼ା କଲ୍ୟାଣ ମଣ୍ଡପ ଠାରେ ଜାତୀୟ କଂଗ୍ରେସ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଡକାଯାଇଥିଲା। ଏହି ସମ୍ମିଳନୀରେ ପୂର୍ବତନ କଂଗ୍ରେସ ସାଂସଦ ଶ୍ରୀଯୁକ୍ତ ଯଶବନ୍ତ ସିଂ ଲାଗୁରୀ,ଯୋଡ଼ା ବ୍ଲକ ସଭାପତି ଚନ୍ଦ୍ରବି କୁମାର ମହନ୍ତ,ବଡବିଲ ନଗର ସଭାପତି ଅମ୍ବି ମହାନ୍ତ ଓ ଯୋଡ଼ା ନଗର ସଭାପତି ସୁବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀ ର ମୁଖ୍ୟ ଉଦ୍ଦେଶ୍ୟ ଆ।ସନ୍ତା ଶୁକ୍ରବାର ବଳେଇ କଳା ଦୁର୍ଗା ପୂଜା ପଡ଼ିଆ।ରେ ଏକ ବିଶାଳ ଜନ ଅଧିକାର ସମାବେଶ ଅନୁଷ୍ଠିତ କରିବାପାଇଁ ସୂଚନା ଦେଇଛନ୍ତି। ତେବେ ଗଣ ମାଧ୍ୟମ କୁ ସୂଚନା ଦେଇ ଶ୍ରୀ ଲାଗୁରୀ କହିଛନ୍ତି ଯେ ସରକାର ଜନସାଧାରଣ ଙ୍କ



ସ୍ୱାର୍ଥ କୁ ବଳିଦେଇ କର୍ପୋରେଟ ମାନଙ୍କ ଫାଇଦା ନିମନ୍ତେ କାର୍ଯ୍ୟ କରିବା ଏବଂ ଭୋଟ ସମୟରେ ଲୋକଙ୍କୁ ପ୍ରଲୋଭନ ଦେଖାଇ ଯେପରି କି ୩୦୦ ୟୁନିଟ ବିଜୁଳି ବିଲ ଛାଡ଼,ବାର୍ଦ୍ଧକ୍ୟ ଭତ୍ତା ୩୦୦୦ କୁ ବୃଦ୍ଧି କରିବା ଓ ସୁଭଦ୍ରା ଯୋଜନା ରେ ବାର୍ଷିକ ପଚାଶ ହଜାର ଦେବାକୁ କହି ନକରିବା ବିଭିନ୍ନ ପ୍ରକାର ଜନ ମାରଣ ନୀତି ବିରୁଦ୍ଧରେ ଏକ ବିରାଟ ସମାବେଶ କରିବାକୁ ସ୍ଥିର କରିଛନ୍ତି। କେନ୍ଦୁଝର ଜିଲ୍ଲା ଡି ଏମ ଏଫ୍ ରେ ପ୍ରଥମ ସ୍ଥାନରେ ରହୁଥିବା ସ୍ଥଳେ ଜିଲ୍ଲାର ଉନ୍ନତି ନିମନ୍ତେ କୌଣସି କାର୍ଯ୍ୟ ହେଉନାହିଁ। ଯଦି ଆ।ଡିଶିନାଲ ସେଶ ଖଣି ଅଞ୍ଚଳ ରେ ଲଗାଯାଇ ପାରନ୍ତା ତେବେ ଅଞ୍ଚଳର ଉନ୍ନତି ହୋଇ ପାରନ୍ତା।

## ଇମ୍ପେରିୟାଲ କ୍ଲାସିକ ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ୨୦୨୬ ଉଦ୍ଯାପିତ

**ବଲାଙ୍ଗିର,୨।୩ (ନି.ପ୍ର):** କଳିଙ୍ଗ ବଡି ବିଲଡିଂ ଏସୋସିଏସନ ବଲାଙ୍ଗିର ଜିଲ୍ଲା ଶାଖା ତରଫରୁ ଆୟୋଜିତ ହୋଇଥିବା ଇମ୍ପେରିୟାଲ କ୍ଲାସିକ ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍ଯାପନ ହୋଇଯାଇଛି। ଏହି ଚମ୍ପିୟାନସିପ୍ ରାଜ୍ୟର ୧୯ଟି ଜିଲ୍ଲାର ୧୨୫ ଜଣ ଖେଳାଳି ୭ଟି ଓଜନ ବିଭାଗ, ପୁରୁଷ ଫିଜିକ୍ ରେ ଦୁଇଟି ବିଭାଗ ଓ ମାଷ୍ଟର କେଟାଗୋରି ରେ ଗୋଟିଏ ବିଭାଗ ସହ ମହିଳା ବିଭାଗରେ ମଧ୍ୟ ପ୍ରତିଯୋଗିତା ହୋଇଥିଲା। ଜାତୀୟ ସ୍ତର ବିଚାରକ ସନ୍ତୋଷ ମହାନ୍ତି, ବାଳକୃଷ୍ଣ ବାଗ, ଏମ୍.କେ. ସ୍ୱାଇଁ ଓ ଅମିତାବ ପରିଡା ଙ୍କ ଦ୍ୱାରା ଗଠିତ ହୋଇଥିବା ବିଚାରକ ମଣ୍ଡଳି ପ୍ରତିଯୋଗୀମାନଙ୍କର ପ୍ରଦର୍ଶନ କୁ ଆକଳନ କରିଥିଲେ । ଏହି ପ୍ରତିଯୋଗିତାରେ ପୁରୁଷ ଚମ୍ପିୟାନ ଅଫ୍ ଚମ୍ପିୟାନ ଟ୍ରଫି କଳାହାଣ୍ଡିର ଦେବେନ୍ଦ୍ର ନାଏକ ହାସଲ କରିଥିବା ବେଳେ ମହିଳା ବିଭାଗରେ ସମ୍ବଲପୁର ର ଉର୍ମିଳା ବେହେରା ଚମ୍ପିୟାନ ଅଫ୍ ଚମ୍ପିୟାନ ଆଖ୍ୟା ହାସଲ କରିଥିଲେ। ଦିନ ତମାମ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତା ମେନ୍ ଫିଜିକ୍ ବିଭାଗରେ ଯାଜପୁର ର ଲକ୍ଷ୍ମୀଧର ସାହୁ ପ୍ରଥମ, ବଲାଙ୍ଗିର ର ଅଭିଷେକ ବିଭାର ଦ୍ୱିତୀୟ, କଟକର ବିଷ୍ଣୁ ବେହେରା ତୃତୀୟ ସ୍ଥାନ ହାସଲ କରିଥିଲେ। ମେନ୍ ଫିଜିକ୍ ଟଲ କେଟାଗୋରିରେ ସମ୍ବଲପୁରର ତରୁଣ ମହାକୁର ପ୍ରଥମ, ରାୟଗଡା ର ଡି.ଭେଙ୍କଟ ପ୍ରସାଦ ଦ୍ୱିତୀୟ, ଭଦ୍ରକର ଦିପକ କୁମାର ଦାଶ ତୃତୀୟ ସ୍ଥାନ ହାସଲ କରିଥିଲେ । ମହିଳା ବିଭାଗରେ ସମ୍ବଲପୁରର ଉର୍ମିଳା ବେହେରା ପ୍ରଥମ, ବଲାଙ୍ଗିର ର ଶିବାନୀ ନାଏକ ଦ୍ୱିତୀୟ, ସମ୍ବଲପୁର ର ପୂଜା ଗୁପ୍ତା ତୃତୀୟ, ରାୟଗଡାର ସସ୍ମିତା ମାଝି ଚତୁର୍ଥ ଏବଂ ନୂଆପଡାର ଯାଜ୍ଞସେନି ପଣ୍ଡା ପଂଚମ ସ୍ଥାନ ଅଧିକାର କରିଥିଲେ । ଠିକ୍ ସେହିପରି ୫୫ କେଜି ରୁ କମ୍ ଓଜନ ବର୍ଗରେ ପୁରୀ ର ଆଦିତ୍ୟ ନାରାୟଣ ରଣା ପ୍ରଥମ, ସମ୍ବଲପୁର ର ଅକ୍ଷୟ କୁମାର ଦ୍ୱିତୀୟ, ଝାରସୁଗୁଡାର ଆଶୁ କୁମାର କେଶରି ତୃତୀୟ ସ୍ଥାନ ହାସଲ କରିଥିଲେ ।



## କୁଚିଣ୍ଡା ବ୍ଲକ ହାଡିପାଲି ପଞ୍ଚାୟତରେ ବନାଗ୍ନି ସଚେତନତା ଶିବିର

**କୁଚିଣ୍ଡା,୦୨।୦୩(ନି.ପ୍ର.):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ହାଡିପାଲି ଗ୍ରାମ ପଞ୍ଚାୟତ ରାଜିବ ଭବନ ଠାରେ ଓଡ଼ିଆ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ର ପଞ୍ଚାୟତ ସ୍ତରୀୟ ବନାଗ୍ନି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।ହାଡିପାଲି ଗ୍ରାମ ପଞ୍ଚାୟତ ସରପଞ୍ଚ ମନ୍ଦାକିନୀ ନାଏକ ଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମ ରେ କୁଚିଣ୍ଡା ବନାଞ୍ଚଳ ଅଧିକାରିଣୀ ଲେଖାରାଣୀ ମହାନନ୍ଦ ଯୋଗଦେଇ ଜନ ସାଧାରଣଙ୍କୁ ଜଙ୍ଗଲ ରେ ନିଆଁ ନ ଲଗାଇବାକୁ ଅନୁରୋଧ କରିଥିଲେ। ଏହା ସହିତ ସେ କହିଥିଲେ ଯେ ଅଜ୍ଞାନତା ବଶତଃ ହେଉ କିମ୍ବା ଜାଣି ଶୁଣି ହେଉ କିଛି ଲୋକ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି, ଫଳରେ ଜଙ୍ଗଲ ନଷ୍ଟ ହେବା ସହିତ ବହୁ ମୂଲ୍ୟବାନ ଔଷଧୀୟ ବୃକ୍ଷଲତା ନଷ୍ଟ ହେବା ସହିତ ବନ୍ୟପ୍ରାଣୀ ମାନେ ମଧ୍ୟ ମୃତ୍ୟୁ ମୁଖରେ ପଡୁଛନ୍ତି, ଏହା ଦ୍ୱାରା ପ୍ରକୃତି ତାର ଭାରସାମ୍ୟ ହରାଇ ବସୁଛି ଓ ଏହା ଫଳରେ ନାନା ପ୍ରକାରର ପ୍ରାକୃତିକ ସମସ୍ୟା ସୃଷ୍ଟି ହୋଇ ଜନସାଧାରଣ ହଇରାଣ ହେଉଛନ୍ତି। ଏଣୁ ଆମେ ନିଆଁ ଲଗାଇବା ନାହିଁ ଓ ଏହା ସହିତ ଜଙ୍ଗଲରେ ନିଆଁ ଲାଗିଥିଲେ ବନ ବିଭାଗକୁ ସୂଚନା ଦେଇ ତାଙ୍କର ସାହାର୍ଯ୍ୟ ନେଇ ଏହି ନିଆଁକୁ ଲିଭାଇବାକୁ ଉଦ୍ୟମ କରିବା ବୋଲି ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

## ଇଷ୍ଟମ୍ୟାନ ଅଟୋ ଆଣ୍ଡ ପାୱାର ଲିମିଟେଡ ପକ୍ଷରୁ ଉନ୍ନତ ସୌର ସମାଧାନ ପ୍ରଦର୍ଶିତ

**ଭୁବନେଶ୍ୱର, ୨।୩ (ନି.ପ୍ର) :** ଇଷ୍ଟମ୍ୟାନ ଅଟୋ ଆଣ୍ଡ ପାୱାର ଲିମିଟେଡ ('ଇଷ୍ଟମ୍ୟାନ୍') ପକ୍ଷରୁ ଏହାର ସୌର ଏବଂ ଶକ୍ତି ସଂରକ୍ଷଣ ସମାଧାନର ଉନ୍ନତ ପୋର୍ଟଫୋଲିଓ ପ୍ରଦର୍ଶନ କରାଯାଇଛି। ଯାହା ନିର୍ଭରଯୋଗ୍ୟ, ଉଚ୍ଚ-କାର୍ଯ୍ୟଦକ୍ଷତା ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ସୋଲାର ରୁଫଟପ ଶକ୍ତି ସମାଧାନ ପ୍ରଦାନ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦୋହରାଇଛି। ଏହି ବ୍ୟାପକ ପ୍ରଦର୍ଶନ ମାଧ୍ୟମରେ, ଇଷ୍ଟମ୍ୟାନ ଏକ ୱାନ-ଷ୍ଟପ ସୋଲାର ରୁଫଟପ ସମାଧାନ ପ୍ରଦାନକାରୀ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିଛି ଏବଂ ସମନ୍ୱିତ, ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ଶକ୍ତି ସମାଧାନ ସହିତ ଗ୍ରାହକମାନଙ୍କୁ ସଶକ୍ତ କରିଛି। ନୀକଟରେ ଭୁବନେଶ୍ୱରର ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ଓଡ଼ିଶା କ୍ଲିନଟେକ ଗ୍ଲୋବାଲ ଏକ୍ସପୋରେ କମ୍ପାନୀ ପକ୍ଷରୁ ଏହି ସମାଧାନ ପ୍ରଦର୍ଶିତ ହୋଇଛି। କମ୍ପାନୀ ତିନୋଟି ପ୍ରମୁଖ କ୍ଷେତ୍ର ଯଥା ଲାଷ୍ଟ-ମାଇଲ୍ ଇ-ମୋବିଲିଟି ସମାଧାନ, ସୌର ସମାଧାନ ଏବଂ ନିରନ୍ତର ଶକ୍ତି ସମାଧାନ କ୍ଷେତ୍ରରେ କାର୍ଯ୍ୟ କରୁଛି ଏବଂ ସ୍ୱଚ୍ଛ ଏବଂ ନବୀକରଣୀୟ ଶକ୍ତିକୁ ରୂପାନ୍ତରକୁ ତ୍ୱରାନ୍ୱିତ କରିବା ପାଇଁ ଉଦ୍ଭାବନକୁ ଆଗେଇ ନେଉଛି। ତେବେ ଏଠାରେ ପ୍ରଦର୍ଶିତ ମୁଖ୍ୟ ଉତ୍ପାଦଗୁଡ଼ିକ ମଧ୍ୟରେ ରହିଛି ଗ୍ରୀଡ-ଟାଇ ଇନଭର୍ଟର ଯାହା ଆବାସିକ, ବାଣିଜ୍ୟିକ ଏବଂ ଶିଳ୍ପ ପ୍ରୟୋଗ ପାଇଁ ପ୍ରସ୍ତୁତ ହୋଇଛି,




ଯାହା ଦକ୍ଷ ଏବଂ ବାଧାହୀନ ସୋଲାର ରୁଫଟପ ଏକୀକରଣକୁ ସକ୍ଷମ କରିଥାଏ। ସେହିଭଳି ହାଇବ୍ରିଡ ଇନଭର୍ଟର ଘର ଏବଂ ବ୍ୟବସାୟଗୁଡ଼ିକରେ ନିରବଚ୍ଛିନ୍ନ ଶକ୍ତି ଆବଶ୍ୟକତା ପାଇଁ ଉପଯୁକ୍ତ। ସୋଲାର ଅଫ-ଗ୍ରୀଡ ଇନଭର୍ଟର ଦୂରବର୍ତ୍ତୀ ଏବଂ ଗ୍ରାମାଂଚଳରେ ନିର୍ଭରଯୋଗ୍ୟ ଶକ୍ତି ପ୍ରଦାନ କରିବା ପାଇଁ ନିର୍ମିତ, ଯାହା ଗ୍ରୀଡ ସଂଯୋଗ ନଥିବା ସତ୍ତ୍ୱେ ମଧ୍ୟ ନିରନ୍ତର ବିଦ୍ୟୁତ୍ ସୁନିଶ୍ଚିତ କରିଥାଏ। ଲିଥିୟମ ବ୍ୟାଟେରୀ ଦୀର୍ଘକାଳୀନ, ଦ୍ରୁତ ଚାର୍ଜିଂ ଏବଂ ଉଚ୍ଚ ଶକ୍ତି ଘନତ୍ୱ ପାଇଁ ପ୍ରସ୍ତୁତ ଯେବେକି ପାରମ୍ପରିକ ଟ୍ୟୁବୁଲାର ବ୍ୟାଟେରୀ ବିଭିନ୍ନ ଜଳବାୟୁ ପରିସ୍ଥିତିରେ ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତା ପ୍ରଦାନ କରେ। ଏହାବ୍ୟତୀତ ସୌର ପ୍ୟାନେଲ ଉଚ୍ଚ-ଦକ୍ଷତା ମଡ୍ୟୁଲ୍ ଯାହା ବିଦ୍ୟୁତ ଉତ୍ପାଦନକୁ ସର୍ବାଧିକ କରିବା ଏବଂ ଛାତ ଉପରେ ସ୍ଥାପନ ପାଇଁ ଦୀର୍ଘକାଳୀନ କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରିବା ପାଇଁ ଡିଜାଇନ୍ ହୋଇଛି। ମିଳିତ ଭାବରେ, ଏହି ଉଦ୍ଭାବନଗୁଡ଼ିକ ଭାରତର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ସମର୍ଥନ କରୁଥିବା ସ୍ମାର୍ଟ ଏବଂ ସ୍ଥିର ଶକ୍ତି ଇକୋସିଷ୍ଟମ ନିର୍ମାଣ ଦିଗରେ ଇଷ୍ଟମ୍ୟାନ୍ ଦୃଷ୍ଟିକୋଣକୁ ରେଖାଙ୍କିତ କରୁଛି। ଭାରତ ରିନ୍ୟୁଏବଲ ଏକ୍ସପୋ ୨୦୨୬ ରେ କମ୍ପାନୀର ଉପସ୍ଥିତି ଇପିସି କମ୍ପାନୀ, ସିଷ୍ଟମ ଇଂଟିଗ୍ରେଟର, ଚ୍ୟାନେଲ ପାର୍ଟନର ଏବଂ ଶିଳ୍ପ ଅଂଶୀଦାରମାନଙ୍କଠାରୁ ଦୃଢ଼ ସମ୍ପର୍କ ପରିଲକ୍ଷିତ କରିଛି, ଯାହା ସୌର ଶକ୍ତି ଇକୋସିଷ୍ଟମରେ ଏକ ବିଶ୍ୱସ୍ତ ଏବଂ ନିର୍ଭରଯୋଗ୍ୟ ନାମ ଭାବରେ ଇଷ୍ଟମ୍ୟାନର ସ୍ଥିତିକୁ ଆହୁରି ଦୃଢ଼ କରିଛି।

## ଡିବ୍ରୁଗଡ଼ରେ ବ୍ରହ୍ମପୁତ୍ର (ଜାତୀୟ ଜଳପଥ-୨) ଆଭ୍ୟନ୍ତରୀଣ ଜଳପଥକୁ ମଜବୁତ କରିବା ପାଇଁ ୩ ପ୍ରକଳ୍ପର ଉଦ୍ଘାଟିତ

**ଡିବ୍ରୁଗଡ଼,୨।୩ (ନି.ପ୍ର):** କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଜାତୀୟ ଜଳପଥ-୨ (ବ୍ରହ୍ମପୁତ୍ର ନଦୀ) ରେ ତିନୋଟି ପ୍ରମୁଖ ଜଳପଥ ଭିତ୍ତିଭୂମି ପ୍ରକଳ୍ପର ଉଦଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ 'ବିକାଶ ଏବଂ ବିରାଟ' ର ଏକ ସନ୍ତୁଳିତ ଆଭିମୁଖ୍ୟ ନେଇ ପ୍ରକଳ୍ପ ବିକଶିତ ହୋଇଥିବା ଶ୍ରୀ ସୋନୋୱାଲ ପ୍ରକାଶ କରିଛନ୍ତି।

ପ୍ରକଳ୍ପଗୁଡ଼ିକ ମଧ୍ୟରେ ବୋଗିବିଲରେ କଷ୍ଟମ୍ସ ଏବଂ ଇମିଗ୍ରେସନ୍ କମ୍ପ୍ଲେକ୍ସ, ଧୁବ୍ରିରେ କଷ୍ଟମ୍ସ ଏବଂ ଇମିଗ୍ରେସନ୍ କମ୍ପ୍ଲେକ୍ସ ଏବଂ ଡିବ୍ରୁଗଡ଼ରେ ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ (ଆଇଡବ୍ଲୁଏଆଇ)ର ପୁନଃନିର୍ମିତ ଐତିହ୍ୟ ଭବନ ସାମିଲ ରହିଛି।

ଚୌକିଡିଙ୍ଗି ଫିଲ୍ଡରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସାମ ଶକ୍ତି ମନ୍ତ୍ରୀ ପ୍ରଶାନ୍ତ ଫୁକନ, ପୂର୍ବ ମନ୍ତ୍ରୀ ଯୋଗେନ ମୋହନ, ଶିଳ୍ପ ଏବଂ ବାଣିଜ୍ୟ ମନ୍ତ୍ରୀ ବିମଲ ବୋରାହ ଯୋଗ ଦେଇଥିଲେ। ସେହିଭଳି ସାଂସଦ ରାମେଶ୍ୱର ତେଲି, ବିଧାୟକ ତେରଶ ଗୋୱାଲା, ଚକ୍ରଧର ଗୋଗୋଇ, ବିନୋଦ ହଜାରିକା, ପୋନାକନ ବରୁଆ, ତରଙ୍ଗା ଗୋଗୋଇ, ସଞ୍ଜୟ କିଷାନ ଏବଂ ଭାସ୍କର ଶର୍ମା, କେନ୍ଦ୍ର ବନ୍ଦର ସଚିବ ବିଜୟ କୁମାର, ଆଇଡବ୍ଲୁଏଆଇ ଅଧ୍ୟକ୍ଷ ସୁନୀଲ ପାଲିବାଲ ମଧ୍ୟ ଏଥିରେ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସୋନୋୱାଲ କହିଛନ୍ତି ଯେ, ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗତିଶୀଳ ଶାସନ ମଡେଲକୁ ପ୍ରତିଫଳିତ କରେ ଯାହା ସାଂସ୍କୃତିକ ପରିଚୟ ନ ହରାଇ ମଧ୍ୟ ଦ୍ରୁତ ବିକାଶକୁ ଗୁରୁତ୍ୱ ଦିଏ।

'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭବିଷ୍ୟପନ୍ଥୀ ନେତୃତ୍ୱରେ, ଆମେ ବିକଶିତ ଭାରତ ଲକ୍ଷ୍ୟ ଦିଗରେ ଅଗ୍ରସର। ଆମେ ଐତିହ୍ୟ ଓ ସଂସ୍କୃତିକୁ ସଂରକ୍ଷଣ କରି ପ୍ରଗତି ଏବଂ ଆର୍ଥିକ ବିକାଶ ପାଇଁ ପ୍ରୟାସ କରୁଛୁ। ବ୍ରହ୍ମପୁତ୍ର କେବଳ ଏକ ନଦୀ ନୁହେଁ; ଏହା ଆମର ଜୀବନରେଖା, ଆମର ଇତିହାସ ଏବଂ ଆମର ଭବିଷ୍ୟତ,' ବୋଲି ଶ୍ରୀ ସୋନୋୱାଲ କହିଛନ୍ତି।



ସୋନୋୱାଲ ପୁଣି କହିଛନ୍ତି ଯେ, ନୂତନ ଭାବରେ ଉଦ୍ଘାଟିତ ଭିତିଭୂମି ଲଜିଷ୍ଟିକ୍ସକୁ ସୁଦୃଢ଼ କରିବ। ଯାତ୍ରୀ ପରିବହନକୁ ବୃଦ୍ଧି କରିବାରେ ଏହା ସହାୟକ ହେବ। ଉତ୍ତର-ପୂର୍ବରେ ବାଣିଜ୍ୟ ଏବଂ ପର୍ଯ୍ୟଟନ ପାଇଁ ଏହି ପଦକ୍ଷେପ ନୂଆ ସୁଯୋଗ ସୃଷ୍ଟି କରିବ।

ବୋଗିବିଲରେ ଥିବା କଷ୍ଟମ୍ସ ଏବଂ ଇମିଗ୍ରେସନ କମ୍ପ୍ଲେକ୍ସକୁ ଏକ ଆଧୁନିକ ପର୍ଯ୍ୟଟନ-କମ୍-କାର୍ଗୋ ଟର୍ମିନାଲର ଅଂଶ ଭାବରେ ବିକଶିତ କରାଯାଇଛି। ଏହା ଦ୍ୱାରା ଗୋଟିଏ କମ୍ପ୍ଲେକ୍ସ ମଧ୍ୟରେ କଷ୍ଟମ୍ସ, ଇମିଗ୍ରେସନ ଏବଂ ଆଇଡବ୍ଲୁଏଆଇ ପ୍ରଶାସନିକ କାର୍ଯ୍ୟଗୁଡ଼ିକୁ ଏକୀକୃତ କରିଥାଏ। ଏହି ସୁବିଧାରେ ସ୍ୱତନ୍ତ୍ର ଆଗମନ ଏବଂ ପ୍ରସ୍ଥାନ ଅପେକ୍ଷା ହଲ, କାର୍ଗୋ ସଂରକ୍ଷଣ କ୍ଷେତ୍ର, ପ୍ରଶାସନିକ ବ୍ଲକ, କର୍ମଚାରୀ ସୁବିଧା ଏବଂ ସମନ୍ୱିତ ସୁରକ୍ଷା ବ୍ୟବସ୍ଥା ଅନ୍ତର୍ଭୁକ୍ତ ରହିଛି। ଏହାର ଲକ୍ଷ୍ୟ ଜାତୀୟ ଜଳପଥ ୨ ସହିତ କାର୍ଯ୍ୟକ୍ଷମ ଦକ୍ଷତା ଉନ୍ନତ କରିବା ଏବଂ ଭାରତ-ବାଂଲାଦେଶ ନିୟମ ଆଧାରିତ ରୁଟ୍ ଅନୁଯାୟୀ ବାଣିଜ୍ୟକୁ ସହଜ କରିବା।

ଧୁବ୍ରି କଷ୍ଟମ୍ସ ଏବଂ ଇମିଗ୍ରେସନ କମ୍ପ୍ଲେକ୍ସକୁ ପଶ୍ଚିମ ଆସାମରେ ନିୟାମକ ତଦାରଖ ବୃଦ୍ଧି କରିବା ଏବଂ ରପ୍ତାନି-ଆମଦାନୀ କାର୍ଯ୍ୟକୁ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଛି। ଏହା ସହରକୁ ଆଭ୍ୟନ୍ତରୀଣ ଜଳ ପରିବହନ ଏବଂ ବାଂଲାଦେଶ ଏବଂ ଭୁଟାନ ସହିତ ସୀମାପାର ବାଣିଜ୍ୟ ପାଇଁ ଏକ ରଣନୈତିକ ପ୍ରବେଶପଥ ଭାବରେ ସ୍ଥାପିତ କରିଥାଏ। ଡିବ୍ରୁଗଡ଼ରେ ପୁନଃନିର୍ମିତ ଐତିହ୍ୟ ଭବନ ଉନ୍ନତ ଭିତ୍ତିଭୂମି ସହିତ ସ୍ଥାପତ୍ୟ ବୈଶିଷ୍ଟ୍ୟଗୁଡ଼ିକର ପୁନରୁଦ୍ଧାରକୁ ମିଶ୍ରଣ କରିଥାଏ। ଅଧିକାରୀମାନେ କହିଛନ୍ତି ଯେ ଏହି କୋଠା ଜାତୀୟ ଜଳପଥରେ ଆଇଡବ୍ଲୁଏଆଇର ପ୍ରଶାସନିକ ଆବଶ୍ୟକତା ପୂରଣ କରିବ ଏବଂ ନଦୀଭିତ୍ତିକ ପର୍ଯ୍ୟଟନରେ ମଧ୍ୟ ଯୋଗଦାନ ଏବଂ ଅଞ୍ଚଳର ସ୍ଥାପତ୍ୟ ଐତିହ୍ୟକୁ ସଂରକ୍ଷଣ କରିବ।

## ଆତ୍ମଗୋପନ ପରେ ଆତ୍ମସମର୍ପଣ କଲେ ପୋଲିସ ବାବୁ

ଜୟପୁର: ପୋଲିସ ଆଖିରେ ଧୂଳି ଦେଇ ଫେରାର ହୋଇଥିବା ନିଲମ୍ବିତ ପୋଲିସ ଅଧିକାରୀ ଶେଷରେ ଆତ୍ମସମର୍ପଣ କରିଛନ୍ତି । ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଆଇଆଇସି ରାଜେଶ ବଳିଆରସିଂହ କୋରାପୁଟର ଜୟପୁର ଜିଲ୍ଲା କୋର୍ଟରେ ଆତ୍ମସମର୍ପଣ କରିଛନ୍ତି । ଦୀର୍ଘ ୬ ମାସ ପରେ ସେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି । ପ୍ରାୟ ୭ ବର୍ଷ ତଳେ ରାଜେଶ ବଳିଆରସିଂହ ଜୟପୁର ଟାଉନ ଥାନାରେ ଏସଆଇ ଭାବେ କାର ?୍ୟରତ ଥିଲେ । ଗଞ୍ଜେଇ ମାଫିଆଙ୍କୁ ଅହେତୁକ ଅନୁକମ୍ପା ଦେଖାଇବା ସହିତ ତାଙ୍କ ଗାଡ଼ି ବ୍ୟବହାର କରିଥିବା ଅଭିଯୋଗ ଥିଲା । ଏହାରି ମଧ୍ୟରେ ପୁରୀ ଅସ୍ତରଙ୍ଗକୁ ସେ ଆଇଆଇସିଭାବେ ବଦଳି ହୋଇ ଆସିଥିଲେ । ସେପଟେ କୋରାପୁଟ ପୋଲିସ ଗଞ୍ଜେଇ ମାଫିଆଙ୍କ ସହିତ ଆଇଆଇସିଙ୍କ ସମ୍ପର୍କ ଥିବା ନେଇ ଜାଣିବା ପରେ ଭୁବନେଶ୍ୱରରେ ପହଁଚିଥିଲା । ଅଗଷ୍ଟ ୧୪ ତାରିଖରେ ରାଜେଶଙ୍କୁ ଭୁବନେଶ୍ୱର କ୍ୟାପିଟାଲ୍ ଥାନାରେ ପଚ଼ରାଉଚ଼ରା କରାଯାଇଥିଲା । ଏହା ପରେ ସେ ହଠାତ୍ କେଉଁଆଡ଼ ? ଫେରାର ହୋଇଯାଇଥିଲେ । ତାଙ୍କ ପତ୍ନୀ ବି ଜଣେ ପୋଲିସ ଅଧିକାରୀ । ପୋଲିସ ତାଙ୍କ ଭୁବନେଶ୍ୱର ୟୁନିଟ୍-୨ ଥିବା ସ୍ତ୍ରୀଙ୍କ ସରକାରୀ ବାସଭବନରେ ମଧ୍ୟ ଚ଼ଢ଼ଉ କରିଥିଲା । ମାତ୍ର ତାଙ୍କର ସନ୍ଧାନ ମିଳିନଥିଲା । ଗତବର୍ଷ ଅଗଷ୍ଟ ୧୫ ତାରିଖରେ କାର୍ଯ୍ୟରେ ଅବହେଳା ପାଇଁ ତାଙ୍କୁ ଡିଜିପି ନିଲମ୍ବିତ କରିଥିଲେ । ସେବେଠାରୁ ଆଇଆଇସି ରାଜେଶ ବଳିଆରସିଂହ ଆତ୍ମ ଗୋପନ କରିଥିଲେ ।

## କପର ତାର ଅଭିଯୋଗରେ ଗିରଫ

ରାଜଗାଙ୍ଗପୁର, ୨।୩: ରାଜଗାଙ୍ଗପୁର କପର ତାର ଚୋରି ଅଭିଯୋଗରେ ଜଣେ ଗିରଫ। ରାଜଗାଙ୍ଗପୁର ପୌରପାଳିକା ଅନ୍ତର୍ଗତ ମାଷ୍ଟର କଲୋନୀ ଅଞ୍ଚଳରେ ଜଣେ ବ୍ୟକ୍ତି ଙ୍କ ଘର ଛାତ ଉପରେ ଏୟାରଟେଲ ଟାୱ୍ାର ବକ୍ସ କୁ ସଂଯୋଗ କରୁଥିବା କପର ତାର ଚୋରି ଅଭିଯୋଗରେ କରଣ ଦାସ୍ କୁ ଗିରଫ କରି ତା ପାଖରୁ ପ୍ରାୟ ୩୦ କେଜି କପର ତାର ଜବତ କରିବାରେ ରାଜଗାଙ୍ଗପୁର ପୋଲିସ ସଫଳ ହୋଇଛି। ରାଜଗାଙ୍ଗପୁର ଥାନା ରେ ତା ନାମରେ ବିଭିନ୍ନ କେସ ରୁଜୁ କରାଯାଇ ବିଚ଼ାର ବିଭାଗୀୟ ହାଜତକୁ ପଠାଯାଇଥିବା ଥାନା ଅଧିକାରୀ ବିଜୟ କିଶୋର ଦାଶ ସୁଚ଼ନା ଦେଇଥିଲେ ଏବଂ ଅନ୍ୟ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି।







A
WELL
WISHER
PARADEEP




## ନିବେଦନ

୧. ହିନ୍ଦୁ ବିବାହ ଆଇନ୍ ଅନୁଯାୟୀ ବିବାହ ପଞ୍ଜିକରଣ କରାଇ ନିଅନ୍ତୁ।
୨. ସହରର ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଏବଂ ନିଜସ୍ୱ ଡଷ୍ଟବିନ୍ (ୟଙ୍କସ୍ୱଭସଭ)ରେ ଅଳିଆ ରଖି ପୌରପାଳିକାର ସଫେଇ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ।
୩. ରାସ୍ତା ଉପରେ ଇଟା, ବ୍ରାଲି, ପଥର ଇତ୍ୟାଦି କରି ରାସ୍ତା ଅବରୋଧ କରନ୍ତୁ ନାହିଁ।
୪. ପୌରପାଳିକାରେ ସମସ୍ତ ପ୍ରକାର ଟିକସ ଠିକ୍ ସମୟରେ କାର୍ଯ୍ୟାଳୟରେ ପଇଠ କରନ୍ତୁ।
୫. ପୌରପାଳିକା ମଧ୍ୟରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ପୌର କାର୍ଯ୍ୟାଳୟରେ ଟ୍ରେଡ୍ ଲାଇସେନ୍ସ କରାଇବା ସଂଗେ ସଂଗେ ଲାଇସେନ୍ସ ଫି ପଇଠ କରନ୍ତୁ।
୬. ନୂତନ ଭାବରେ ନିର୍ମାଣ କରୁଥିବା ଗୃହ ଗୁଡ଼ିକ ଆଇନ୍ ଅନୁଯାୟୀ ହୋଲ୍ଡିଂ ନିମନ୍ତେ ପଞ୍ଜିକରଣ କରାଇ ନିଅନ୍ତୁ।
୭. ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆମ୍ଭର ଜିଲ୍ଲା କଳା କେନ୍ଦ୍ର, କଲ୍ୟାଣ ମଣ୍ଡପ ଏବଂ ପୌରପାଳିକା ଟାଉନ୍ ହଲ୍ ସୁବିଧା ନିଅନ୍ତୁ।
୮. ପଥ ପାର୍ଶ୍ୱ ଏଲ୍.ଇ.ଡି. ଆଲୋକ ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣଙ୍କର। ଏହାକୁ ଚୋରି ଏବଂ ନଷ୍ଟ କରନ୍ତୁ ନାହିଁ।
୯. ଏକକ ପଲିଥିନ ବ୍ୟବହାର କରନ୍ତୁ ନାହିଁ।

**ଶ୍ରୀଯୁକ୍ତ ସତ୍ୟ ପ୍ରକାଶ ତ୍ରିପାଠୀ**
କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପାଳିକା, ଅନୁଗୋଳ

**ଶ୍ରୀଯୁକ୍ତ ଅକ୍ଷୟ କୁମାର ସାମନ୍ତ**
ନଗରପାଳ
ପୌରପାଳିକା, ଅନୁଗୋଳ

## ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ : ଆଜି ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ତାଳଚେର ପଞ୍ଚାୟତ ସମିତି ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ । ଜନଶୁଣାଣି ଶିବିରରେ ସମୁଦାୟ ୪୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୩୦ଟି ବ୍ୟକ୍ତିଗତ ଓ ୧୨ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ଏହିକାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଆଇଏ ଏସ୍‌ପ୍ରୋବେସନର କସ୍ତୁରୀ ସା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ମଦନ ମୋହନ ପ୍ରଧାନ, ତାଳଚେର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସୁଶାନ୍ତ କୁମାର ବରାଳ, ତାଳଚେର ତହସିଲଦାର ଆଲଫା ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଦିଲ୍ଲିପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଶ୍ରୀନିବାସ ସାହୁ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ମୁଖ୍ୟ



ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଉମାଶଙ୍କର ମିଶ୍ର, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟ ନାରାୟଣ ସାହୁଙ୍କ ସମେତବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

With Best Compliments From...
B.C. Mohanty
And
Sons
Pvt. Ltd.



Rajabagicha, Cuttack

## ରାଜଧାନୀରେ ପୁଣି ୧୨ଟି ସିମ୍ ବକ୍ସ ଜବତ, ୨ କେରଳୀ ଯୁବକ ଗିରଫ

ଭୁବନେଶ୍ୱର୨।୩(ନି.ପ୍ର.): ପୁଣି ଥରେ ରାଜଧାନୀ ଭୁବନେଶ୍ୱରରେ କମିଶନରେଟ୍ ପୋଲିସ ଏକ ସିମ୍ ବକ୍ସ ରାକେଟର ପର୍ଦ୍ଦାଫାଶ୍ କରିଛି । ଚ଼ନ୍ଦ୍ରଶେଖର ଥାନା ଅଞ୍ଚଳରୁ ସିମ୍ ବକ୍ସ ଜବତ ହୋଇଛି । ମୋଟ ୧୨ଟି ସିମ୍ ବକ୍ସ ମିଳିଥିବା ଜଣାପଡ଼ିଛି । ଏହା ସହିତ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଉଭୟ କେରଳ ରାଜ୍ୟର ହୋଇଥିବା ସୂଚ଼ନା ମିଳିଛି । ଭୁବନେଶ୍ୱର ଡିସିପିଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍ ଚ଼ଢ଼ଉ କରି ସିମ୍ ବକ୍ସ ଜବତ କରିଛି । ଏମାନେ ବାଂଲାଦେଶର ବକ୍ସ ଏବଂ ଆସାମରୁ ସିମ୍ କିଣି ଭୁବନେଶ୍ୱରରେ କାମ କରୁଥିଲେ । ଏମାନେ ମଧ୍ୟ ପ୍ରାଚ଼୍ୟ ଦେଶର କଲକୁ ଲୋକାଲ୍ କଲରେ ପରିବର୍ତ୍ତନ କରି ଲୋକଙ୍କୁ ଲୁଟୁ ଥିଲେ ।

## ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଭାବେ କବି ସୁଶାନ୍ତ ନାୟକ ନିର୍ବାଚ଼ିତ

ବ୍ୟାସନଗର, ୨।୩(ନି.ପ୍ର.): ୟଓଡ଼ିଶାର ସର୍ବପୁରାତନ ଅନୁଷ୍ଠାନ କଟକସ୍ଥିତ ଉତ୍କଳ ସାହିତ୍ୟ ସମାଜର ଉପ ସଭାପତି ଭାବେ ପଞ୍ଚବଟୀ ସାହିତ୍ୟ ପତ୍ରିକାର ସମ୍ପାଦକ ତଥା ରାୟଗଡା ସମ୍ବାଦ ସାହିତ୍ୟ ଘରର ସଭାପତି କବି ସୁଶାନ୍ତ କୁମାର ନାୟକ ନିର୍ବାଚ଼ିତ ହୋଇଛନ୍ତି । ଶ୍ରୀ ନାୟକ ଙ୍କ ଏହି ସଫଳତାରେ ରାୟଗଡା ଜିଲ୍ଲାର ସାହିତ୍ୟିକମାନେ ଆନନ୍ଦ ପ୍ରକାଶ କରି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏଥିସହ ଓଡିଶା ସାହିତ୍ୟ ଏକାଡେମୀ ର ସଚ଼ିବ ଡ଼. ଚ଼ନ୍ଦ୍ରଶେଖର ହୋତା, କେନ୍ଦ୍ର ସାହିତ୍ୟ ଏକାଡେମୀ ଆବାହକ ଡ଼. ଗୌରହରି ଦାସ, କଟକ କଳା ବିକାଶ କେନ୍ଦ୍ରର ସଭାପତି ଡ଼. ବିଜୟାନନ୍ଦ ସିଂହ, ବିଶିଷ୍ଟ ସମାଲୋଚ଼କ ଡ଼. ନାରାୟଣ ପଣ୍ଡା, ଅପୂର୍ବାର ସମ୍ପାଦକ କ୍ଷୀରୋଦ ଚ଼ନ୍ଦ୍ର ପତି, ସ୍ମୃତିଲିପି ସମ୍ପାଦକ ଦୟାନିଧି ନାୟକ, ଭୁବନ ମୋହନ ମହାନ୍ତି, କୋରାପୁଟ ସାହିତ୍ୟ ପରିବାରର ସମ୍ପାଦିକା ଡ଼. ପ୍ରୀତିଧାରା ସାମଲ, କବି ରବି ଶତପଥି, ବିଜୟ କୁମାର ପ୍ରଧାନ, ଡ଼. ପ୍ରଦୀପ କୁମାର ମିଶ୍ର, ଡ଼. କମଳାକୃଷ୍ଣ ତ୍ରିପାଠୀ, ରାୟଗଡା ସାହିତ୍ୟ ମହୋତ୍ସବର ସଭାପତି ଡ଼. ଦୁଷ୍ମନ୍ତ କୁମାର ମହାନ୍ତି, ଉତ୍କଳ ସମ୍ମିଳନୀ ସଭାପତି ବ୍ରଜସୁନ୍ଦର ନାୟକ, ବିନାୟକ କର, ବିଶିଷ୍ଟ ଅନୁବାଦକ ଆଶୁତୋଷ ପାତ୍ର, ସ୍ତମ୍ଭକାର ଡ଼. ଦ୍ୱିତୀଚ଼ନ୍ଦ୍ର ସାହୁ, ସାହିତ୍ୟିକ ଡ଼. ପ୍ରସନ୍ନ କୁମାର ଗନ୍ତାୟତ, କୃଷ୍ଣପ୍ରିୟା ସାହାଣୀ, ଡ଼. ରାଜେଶ ପା ?ୀ, ଶିବପ୍ରସାଦ ମିଶ୍ର, ଲାବଣ୍ୟ ପଟ୍ଟନାୟକ, ଜଗଦୀଶ ଚ଼ନ୍ଦ୍ର ଦୋରା, ପ୍ରାଣକୃଷ୍ଣ ପାଣିଗ୍ରାହୀ, ରମେଶ ମିଶ୍ର, ଅଶ୍ୱିନୀ କୁମାର ତ୍ରିପାଠୀ, ରୂପେଶ ସାହୁ, ଦେବେନ୍ଦ୍ର କୁମାର ବାଉରୀ, ବିପିନ ବିହାରୀ ବିଶ୍ୱାଳ, ଶ୍ରୀଧର ପଟ୍ଟନାୟକ, ବିମଳ ଚ଼ାନ୍ଦ ପଟ୍ଟନାୟକ, ଅକ୍ଷୟ କୁମାର ମଲ୍ଲିକ, ନିରଞ୍ଜନ ନାୟକ, କଲ୍ୟାଣୀ ସାସମଲ, ଡ଼. ଅର୍ଚ୍ଚନା ପଟ୍ଟନାୟକ, ନୀଳମଣି ପାଟଯୋଶୀ, ତ୍ରିବେଣୀ ମିଶ୍ର, ପ୍ରଶାନ୍ତି ସାହୁ, ମହାଶ୍ୱ ?ତା ପାଣିଗ୍ରାହୀ, ସସ୍ମିତା କୁମାରୀ ଆଚ଼ାର୍ଯ୍ୟ,ଅରୁଣ ପାଣିଗ୍ରାହୀ, ପ୍ରଶାନ୍ତ ପଟ୍ଟନାୟକ, ରାଜଲକ୍ଷ୍ମୀ ଦେବୀ, ବାବୁଲାଲ ଗନ୍ତାୟତ, ଅରୁଣ ଲେଙ୍କା, ଏ. ଆଶାଲତା, ଲୋକନାଥ ପଣ୍ଡା, ଶରତ କୁମାର ରାଉତ ପ୍ରଭୃତି ଶ୍ରୀ ନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ପ୍ରକାଶ ଥାଉକି ଶ୍ରୀ ନାୟକ ଏଥି ପୂର୍ବରୁ ଓଡିଶା ସାହିତ୍ୟ ଏକାଡେମୀ ର କାର୍ଯ୍ୟକାରି କମିଟି, ଅର୍ଥ କମିଟି ଓ କେନ୍ଦ୍ର ସାହିତ୍ୟ ଏକାଡେମୀର ସଦସ୍ୟ ଭାବେ ସୂଚ଼ାରୁ ରୂପେ କାର୍ଯ୍ୟ ସମ୍ପାଦନ କରି ସମସ୍ତଙ୍କ ପ୍ରିୟ ଭାଜନ ହୋଇପାରିଥିଲେ। ବର୍ତ୍ତମାନ ସେ ଉପାନ୍ତ ଅଂଚ଼ଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଅଭିବୃଦ୍ଧି ଦିଗରେ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିବେ ବୋଲି ପ୍ରକାଶ କରିଛନ୍ତି।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ

dishamanthan.com RNI No. ORIORI/20

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ